ବର୍ଷ-୨୫, ସଂଖ୍ୟା-୧୬୭
ଭୁବନେଶ୍ୱର
୨୧, ଜୁନ, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 167
Bhubaneswar
21, June, 2025 Saturday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଆଜି ଯୋଗ ଦିବସ

ଏକ ବର୍ଷ ପୂର୍ତ୍ତି ଉତ୍ସବରେ ପ୍ରଧାନମନ୍ତ୍ରୀ

ଓଡ଼ିଶା ସମୃଦ୍ଧ ଐତିହ୍ୟର ଏକ ଦୀପ୍ତିମାନ ତାରକା

ଭୁବନେଶ୍ୱର, ୨୦।୬(ମହାଭାରତ): ଓଡ଼ିଶାରେ ବିଜେପି ସରକାରର ବର୍ଷ ପୂର୍ତ୍ତିକେବଳ ଏକ ସରକାରର ନୁହେଁ, ବରଂ ଏହି ଏକ ବର୍ଷରେ ଜନସେବା ଓ ଜନବିଶ୍ୱାସର ପ୍ରତୀକ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭୁବନେଶ୍ୱରରେ ଓଡ଼ିଶା ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟସ୍ତରୀୟ ସମାରୋହରେ କହିଛନ୍ତି।

ଭୁବନେଶ୍ୱରର ଜନତା ମୈଦାନ ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଶ୍ରୀ ମୋଦି କହିଲେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଦିନ, କାରଣ ଏହି ଦିନ ଓଡିଶାରେ ପ୍ରଥମ ଭାଜପା ସରକାରର ଏକ ବର୍ଷ ପୂର୍ଣ୍ଣ ହେଉଛି। ପ୍ରଧାନମନ୍ତ୍ରୀ କହିଲେ, ଏହି ବର୍ଷ ପୂର୍ତ୍ତି କେବଳ ଏକ ସରକାରର ନୁହେଁ, ବରଂ ଏହି ଏକ ବର୍ଷରେ ଜନସେବା ଓ ଜନବିଶ୍ୱାସ ପ୍ରତି ଉତ୍ସର୍ଗିତ ଉତ୍ତମ ଶାସନର ସ୍ଥାପନା କରାଯାଇଛି। ସେ ଏହା ଉଲ୍ଲେଖ କଲେ ଯେ ସରକାର ଓଡିଶାର କୋଟିକୋଟି ଲୋକଙ୍କ ଆଶା ଓ ଅପେକ୍ଷାକୁ ପୂରଣ କରିବା ପାଇଁ ଅନେକ ପ୍ରୟାସ କରିଛି। ଶ୍ରୀ ମୋଦି ଓଡିଶା ବାସୀଙ୍କୁ ସେମାନଙ୍କର ସମର୍ଥନ ଓ ବିଶ୍ୱାସ ପାଇଁ ହୃଦୟପୂର୍ଣ୍ଣ ଶୁଭେଚ୍ଛା ଜଣାଇଥିଲେ। ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ତାଙ୍କ ସମ୍ପୂର୍ଣ୍ଣ ଦଳକୁ ସେମାନଙ୍କର ପ୍ରଶଂସନୀୟ କାର୍ଯ୍ୟ ପାଇଁ ଅଭିନନ୍ଦନ ଜଣାଇଥିଲେ ଓ କହିଥିଲେ ଯେ ସେମାନଙ୍କର ପ୍ରୟାସ ଓଡିଶାର ବିକାଶକୁ ନୂତନ ଗତି ଦେଇଛି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ. ଓଡିଶା କେବଳ ଏକ ରାଜ୍ୟ ନୁହେଁ, ବରଂ ଭାରତର ସମୃଦ୍ଧ ଐତିହ୍ୟର ଏକ ଦୀପ୍ତିମାନ ତାରକା। ଓଡିଶା ଦୀର୍ଘ କାଳ ଧରି ଭାରତୀୟ ସଭ୍ୟତା ଓ ସଂସ୍କୃତିକୁ ସମୃଦ୍ଧ କରିଆସିଛି। ସେ କହିଲେ ଯେ ଆଜି ବିକାଶ

ଓ ଐତିହ୍ୟର ମନ୍ତ୍ର ଯେତେବେଳେ ଭାରତର ବିକାଶ ଆଧାର ହୋଇଛି, ସେତେବେଳେ ଓଡିଶାର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ପ୍ରଧାନମନ୍ତ୍ରୀ କହିଲେ ଯେ ରାଜ୍ୟ ସରକାର ଗତ ଏକ ବର୍ଷ ଧରି ଓଡିଶା ବିକାଶର ମନ୍ତ୍ରକୁ ତାଙ୍କର ଐତିହ୍ୟ ସଂରକ୍ଷଣ ସହିତ ଅଂଗୀକାର କରିଛି ଓ ଏହି ପଥରେ ରାଜ୍ୟ ଦ୍ରୁତ ଗତିରେ ଅଗ୍ରସର ହୋଇଛି। ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଥିଲେ ଯେ, ଜୁନ୍ ୨୦ ତାରିଖ ହେଉଛି ଏକ ଅତ୍ୟନ୍ତ ସ୍ୱତନ୍ତ୍ର ଦିନ। ଆଜିର ଦିନରେ ଓଡ଼ିଶାର ପ୍ରଥମ ବିଜେପି ସରକାରଙ୍କର ଗୋଟିଏ ବର୍ଷ ପୂରଣ ହେଉଛି। ଏହି ବାର୍ଷିକୀ ପାଳନ କେବଳ ଏକ ସରକାରଙ୍କର ନୁହେଁ, ବରଂ ଜନସେବା ଏବଂ ଜନ ବିଶ୍ୱାସ ପ୍ରତି ଉତ୍ସର୍ଗୀକୃତ ସୁଶାସନ ପ୍ରତିଷ୍ଠାର ବାର୍ତ୍ତା ଦେଉଛି। ସରକାର ଓଡ଼ିଶାର କୋଟି କୋଟି ମତଦାତାଙ୍କ ଆଶା ପୂରଣ କରିବା ପାଇଁ ଆନ୍ତରିକ ପ୍ରୟାସ କରିଛନ୍ତି ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ମୋଦୀ ଓଡ଼ିଶାବାସୀଙ୍କର ସମର୍ଥନ ଏବଂ ବିଶ୍ୱାସକୁ ସ୍ୱୀକାର କରି ସେମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ। ପ୍ରଧାନମନ୍ତ୍ରୀ ଏହି ଶୁଭ ସଂଯୋଗର ଉଲ୍ଲେଖ କରିଥିଲେ ଯେ, ଯେତେବେଳେ ଓଡିଶାରେ ସରକାର ଏକ ବର୍ଷ ପୂର୍ଣ୍ଣ କରୁଛି, ସେତେବେଳେ ଓଡିଶାର ଲୋକମାନେ ଭଗବାନ୍ ଜଗନ୍ନାଥଙ୍କର ଭବ୍ୟ ରଥଯାତ୍ରା ପାଇଁ ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି। ଶ୍ରୀ ମୋଦି କହିଥିଲେ ଯେ ମହାପ୍ରଭୁ ଜଗନ୍ନାଥ ଆମ ପାଇଁ କେବଳ ଆରାଧ୍ୟ ନୁହନ୍ତି ବରଂ ଆମ ପାଇଁ ପ୍ରେରଣାର ଉତ୍ସ।

ଏକବିଂଶ ଶତାବ୍ଦୀରେ ଦେଶର ଅଭିବୃଦ୍ଧି ପୂର୍ବ ଭାରତ ଦ୍ୱାରା ପରିଚାଳିତ ହେବ। ଏହା ପୂର୍ବୋଦୟର ଯୁଗ ବୋଲି ଶ୍ରୀ ମୋଦୀ ଘୋଷଣା କରିଥିଲେ। ଏହି ମନୋଭାବ ସହିତ, ସରକାର ସମଗ୍ର ପୂର୍ବ କ୍ଷେତ୍ର ସହିତ ଓଡ଼ିଶାର ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ, ଏକ ବର୍ଷ ପୂର୍ବେ ସେମାନଙ୍କ ସରକାର ଗଠନ ହେବା ପରେ, ଏହି ଅଭିଯାନ ଆହୁରି ଗତି ପାଇଛି। ପାରାଦୀପରୁ ଝାରସୁଗୁଡ଼ା ପର୍ଯ୍ୟନ୍ତ ଶିଳ୍ପ କ୍ଷେତ୍ରର ସମ୍ପ୍ରସାରଣକୁ ଉଲ୍ଲେଖ କରି ସେ କହିଥିଲେ, ଏହା ଓଡ଼ିଶାର ଖଣିଜ ଏବଂ ବନ୍ଦର-ନେତୃତ୍ୱାଧୀନ ଅର୍ଥନୀତିକୁ ସୁଦୃଢ଼ କରୁଛି। କେନ୍ଦ୍ର ସରକାର ଓଡ଼ିଶାରେ ସଡ଼କ, ରେଳ ଏବଂ ବିମାନ ସଂଯୋଗ ବୃଦ୍ଧି ପାଇଁ ହଜାର ହଜାର କୋଟି ଟଙ୍କା ନିବେଶ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେ ଆହୁରିମଧ୍ୟ କହିଥିଲେ ଯେ ପାରାଦୀପରେ ଏକ ମେଗା ଡୁଆଲ୍-ଫିଡ୍ କ୍ରାକର୍ ଏବଂ ଡାଉନଷ୍ଟ୍ରିମ୍ ୟୁନିଟ୍ ପ୍ରତିଷ୍ଠା, ଚଣ୍ଡିଖୋଲରେ ଏକ ଅଶୋଧିତ ତୈଳ ଭଣ୍ଡାରଣ କେନ୍ଦ୍ର ଏବଂ ଗୋପାଳପୁରରେ ଏକ ଏଲଏନଜି ଟର୍ମିନାଲ ଭଳି ପ୍ରକଳ୍ପଗୁଡ଼ିକ ଓଡ଼ିଶାକୁ ଏକ ପ୍ରମୁଖ ଶିଳ୍ପ ରାଜ୍ୟ ଭାବରେ ପ୍ରତିଷ୍ଠା କରିବ। ଏହି ବିକାଶ ପେଟ୍ରୋଲିୟମ୍, ପେଟ୍ରୋକେମିକାଲ୍ସ, ବୟନଶିଳ୍ପ ଏବଂ ପ୍ଲାଷ୍ଟିକ୍ ସହିତ ଜଡିତ ଶିଳ୍ପକୁ ପ୍ରୋତ୍ସାହିତ କରିବ ବୋଲି ଶ୍ରୀ ମୋଦୀ କହିଥିଲେ। ସେ କହିଥିଲେ ଯେ ଏହା କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗର ଏକ ବିଶାଳ ନେଟୱାର୍କ ସୃଷ୍ଟି କରିବ। ଏହା ଯୁବକମାନଙ୍କ ପାଇଁ ଲକ୍ଷ ଲକ୍ଷ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ସାମ୍ପ୍ରତିକ ବର୍ଷଗୁଡ଼ିକରେ ଓଡ଼ିଶାର ପେଟ୍ରୋଲିୟମ୍ ଏବଂ ପେଟ୍ରୋକେମିକାଲ୍ସ କ୍ଷେତ୍ରରେ ପ୍ରାୟ ୧.୫ ଲକ୍ଷ କୋଟି ଟଙ୍କା ନିବେଶ ହୋଇସାରିଛି। ଓଡ଼ିଶା ଭାରତର ପେଟ୍ରୋକେମିକାଲ୍ସ ହବ୍ ହେବା ଦିଗରେ ଦ୍ରୁତ ଗତିରେ ଆଗକୁ ବଢୁଛି ବୋଲି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମନ୍ତ୍ରୀ ଜୁଏଲ୍ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ମହାପ୍ରଭୁଙ୍କ ପାଇଁ ଟ୍ରମ୍ପଙ୍କ ଆମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କଲି

ଭୁବନେଶ୍ୱର, ୨୦।୬(କେଏନଏସ): ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଭୂମିକୁ ଆସିବା ପାଇଁ ମୁଁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆମନ୍ତ୍ରଣଙ୍କୁ ପ୍ରତ୍ୟାଖ୍ୟାନ କଲି ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ବିଶାଳ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଶ୍ରୀ ମୋଦୀ ଏହା କହିଛନ୍ତି।

ସେ ତାଙ୍କର ଭାଷଣରେ କହିଥିଲେ ଯେ, କିଛି ଦିନ ତଳେ ସେ ଜି -୭ ଶିଖର ସମ୍ମିଳନୀରେ ଭାଗ ନେବାକୁ କାନାଡା ଯାଇଥିଲେ । ସେଠାରେ ଥିବା ବେଳେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କୁ ଫୋନ କରି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଟ୍ରମ୍ପ ତାଙ୍କୁ କହିଥିଲେ ଯେ ଆପଣ କାନାଡା ଆସିଛନ୍ତି। ସେଠାରୁ ୱାଶିଂଟନ ଆସନ୍ତୁ। ଏଠାରେ ଭୋଜନ କରିବା ସହ ବିଭିନ୍ନ ବିଷୟରେ କଥାବାର୍ତା କରିବା । ମୁଁ ତାଙ୍କୁ କହିଲି ଯେ ମୋତେ ମହାପ୍ରଭୁ ଜଗନ୍ନାଥଙ୍କ ଭୂମିକୁ ଯିବାର ଅଛି। ତେଣୁ ମୁଁ ଆପଣଙ୍କ ନିମନ୍ତ୍ରଣ ରକ୍ଷା କରି ପାରୁନାହିଁ। ଏହା କହି ମୁଁ ବିନମ୍ରତାର ସହ ତାଙ୍କର ଆମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କଲି ବୋଲି ସେ କହିଛନ୍ତି।

ଓଡ଼ିଶାରେ ତାଙ୍କ ସରକାରର ପ୍ରଥମ ବର୍ଷ ପୂରଣ ହେବା ସହିତ ଲୋକମାନେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରସ୍ତୁତିରେ ନିୟୋଜିତ ହେବା ଏକ ପବିତ୍ର ସଂଯୋଗ ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ। ସେ କହିଥିଲେ, ମହାପ୍ରଭୁ ଜଗନ୍ନାଥ ଏକ ବିଶାଳ ପ୍ରେରଣାର ଉତ୍ସ। ମହାପ୍ରଭୁଙ୍କ ଆଶୀର୍ବାଦରେ ଶ୍ରୀମନ୍ଦିର ସହ ଜଡିତ ସମସ୍ୟାର ମଧ୍ୟ ସମାଧାନ ହୋଇଛି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରି କହିଥିଲେ। କୋଟି କୋଟି ଭକ୍ତଙ୍କ ଭାବାବେଗକୁ ସମ୍ମାନ ଦେବା ପାଇଁ ମୋହନ ମାଝୀ ଏବଂ ତାଙ୍କ ସରକାରଙ୍କୁ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ ଯେ ସରକାର ଗଠନ ହେବା ପରେ ତୁରନ୍ତ ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲାଯାଇଥିଲା। ଶ୍ରୀମନ୍ଦିରର ରତ୍ନ ଭଣ୍ଡାର ମଧ୍ୟ ଖୋଲାଯାଇଛି। ଏହା ରାଜନୈତିକ ବିଜୟର ବିଷୟ ନୁହେଁ ବରଂ କୋଟି କୋଟି ଭକ୍ତଙ୍କ ଆସ୍ଥାକୁ ସ୍ୱୀକାର କରିବାର ଏକ ସମ୍ମାନଜନକ କାର୍ଯ୍ୟ ବୋଲି ସେ ସ୍ପଷ୍ଟ କରିଥିଲେ।

୧୮,୬୦୦ କୋଟିର ପ୍ରକଳ୍ପ ଭେଟି

ଭୁବନେଶ୍ୱର, ୨୦।୬(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଶା ସରକାରଙ୍କ ଏକ ବର୍ଷ ପୂର୍ଣ୍ଣ ହେବାର ଅବସରରେ ପାନୀୟ ଜଳ, ଜଳ ସେଚନ କୃଷି ଡାଆ, ସ୍ୱାସ୍ଥ୍ୟ ସେବା, ଗ୍ରାମୀଣ ସଡ଼କ ଓ ସେତୁ, ଜାତୀୟ ରାଜପଥ ଓ ଏକ ନୂତନ ରେଳ ଲାଇନ୍ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ୧୮,୬୦୦ କୋଟି ଟଙ୍କାଠାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏହାସହ ଭିଜନ

ଡକୁମେଂଟ 'ଓଡିଶା ଭିଜନ ୨୦୩୬ ଓ ୨୦୪୭' ଉନ୍ମୋଚନ କରିଛନ୍ତି ପ୍ରଧାନମନ୍ତ୍ରୀ। ପ୍ରଧାନମନ୍ତ୍ରୀ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ଓଡ଼ିଶାର ବରପୁତ୍ରମାନଙ୍କର ଜନ୍ମସ୍ଥଳୀର ବିକାଶ କରାଯିବ। ଏହି ଯୋଜନା ଅନୁଯାୟୀ, ପ୍ରତ୍ୟେକ ଐତିହ୍ୟ ଗ୍ରାମ ପାଇଁ ପ୍ରାୟ ୧୫ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସମ୍ପୂର୍ଣ୍ଣ ଯୋଜନାରେ ପ୍ରାୟ ୩୧୯ କୋଟି ଟଙ୍କା ବିନିଯୋଗ ହେବ। ଏହି ଯୋଜନାରେ ବରପୁତ୍ର ମାନଙ୍କ ଜନ୍ମସ୍ଥଳୀରେ ପୂର୍ବ ପୁରୁଷଙ୍କର ବାସଗୃହକୁ ସଂଗ୍ରହାଳୟ ଭାବେ ବିକାଶ କରିବା, ପ୍ରତିମୂର୍ତ୍ତି ସ୍ଥାପନା କରିବା, ବ୍ୟାଖ୍ୟାନ କେନ୍ଦ୍ର ପ୍ରତିଷ୍ଠା କରିବା, ଶିଶୁ ଉଦ୍ୟାନ, କାରୁକଳା ଓ ପାକଶାଳା ଷ୍ଟଲ୍, ଇତ୍ୟାଦି ନିର୍ମାଣ, ଗ୍ରନ୍ଥାଗାର ନିର୍ମାଣ, ସମ୍ମିଳନୀ କକ୍ଷ, ଖୋଲା ଆକାଶ ନାଟ୍ୟମଞ୍ଚ ଇତ୍ୟାଦିର ନିର୍ମାଣ ଆଦି ପଦକ୍ଷେପ ନିଆଯାଇ ସେମାନଙ୍କ ଗ୍ରାମକୁ ଐତିହାସିକ ସାଂସ୍କୃତିକ ସ୍ମୃତିସ୍ଥଳ ଏବଂ ପର୍ଯ୍ୟଟନ ସ୍ଥଳ ଭାବେ ବିକଶିତ କରିବାର ଲକ୍ଷ୍ୟ ରଖାଯାଇଛି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ପୁସ୍ତିକା ଉନ୍ମୋଚନ କରିଥିଲେ ଏହି ଯୋଜନାରେ ରାଜ୍ୟର ପ୍ରତି ପଞ୍ଚାୟତରେ ଅନ୍ୟୁନ ଗୋଟିଏ ଲେଖାଁଏ ପ୍ରାଥମିକ ଆଦର୍ଶ ବିଦ୍ୟାଳୟ ଖୋଲିବା ପାଇଁ ସ୍ଥାନ ନିରୁପଣ ଓ ଡିପିଆର ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ଏହାସହ ୧୮,୬୫୩ କୋଟି ଟଙ୍କାର ୧୦୫ଟି ବିଭିନ୍ନ ରେଳ ଭିତ୍ତିଭୂମି ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ପ୍ରଧାନମନ୍ତ୍ରୀ ଆଜି ୯,୬୪୨ କୋଟି ଟଙ୍କାର ୬୦ଟି ଭିତ୍ତିଭୂମି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ୯,୦୧୧ କୋଟି ଟଙ୍କାର ୪୫ଟି ପ୍ରକଳ୍ପର ଉଦଘାଟନ କରିଛନ୍ତି। ଏଥିରେ କୃଷି ବିଭାଗର ଦୁଇଟି ପ୍ରକଳ୍ପ-୧୪୩ କୋଟି ଟଙ୍କା, ସ୍ୱାସ୍ଥ୍ୟ ଭିତ୍ତିଭୂମି ପାଇଁ ଗୋଟିଏ ପ୍ରକଳ୍ପ-୩୨ କୋଟି ଟଙ୍କା, ଜଳ ସମ୍ପଦ ଓ ପାନୀୟ ଜଳ ପାଇଁ ୧୯ଟି ପ୍ରକଳ୍ପ-୨୫୫୩ କୋଟି ଟଙ୍କା, ଶକ୍ତି କ୍ଷେତ୍ରରେ ୨୩ଟି ପ୍ରକଳ୍ପ-୮୦୮୩ କୋଟି ଟଙ୍କା, ସଡକ ଓ ସେତୁ ପାଇଁ ୨୨ଟି ପ୍ରକଳ୍ପ-୧୬୧୬ କୋଟି ଟଙ୍କା, ସହରାଞ୍ଚଳ ଭିତ୍ତିଭୂମି ପାଇଁ ୨୫ଟି ପ୍ରକଳ୍ପ-୧୮୫୮ କୋଟି ଟଙ୍କା, ରେଳ କ୍ଷେତ୍ରରେ ୭ଟି ପ୍ରକଳ୍ପ-୨୭୫୬ କୋଟି ଟଙ୍କା, ଜାତୀୟ ରାଜପଥ ୪ଟି ପ୍ରକଳ୍ପ-୧୪୩୨ କୋଟି ଟଙ୍କା , ବନ୍ଦର କ୍ଷେତ୍ରରେ ଗୋଟିଏ ପ୍ରକଳ୍ପ-୫୬ କୋଟି ଟଙ୍କା ଏବଂ ଅନ୍ୟାନ୍ୟ ଗୋଟିଏ ପ୍ରକଳ୍ପ-୧୨୩ କୋଟି ଟଙ୍କା, ଏହିପରି ସମୁଦାୟ ୧୮,୬୫୩ କୋଟି ଟଙ୍କାର ୧୦୫ଟି ପ୍ରକଳ୍ପ ପାଇଁ ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି। ସଭାରେ କିଛି ଲକ୍ଷପତି ଦିଦିଙ୍କୁ ପ୍ରଧାନମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ ଅଧୀନରେ ୧୦୦ ଟି ଇ.ଭି ବସ୍ ର ଶୁଭାରମ୍ଭ କରିଥିଲେ ମୋଦି। ପୁରୀ, ଭୁବନେଶ୍ୱର ଓ କଟକର ୧୧ଟି ରୁଟ୍ ରେ ପୂର୍ବରୁ ଆମ ବସ ସେବା ଜାରି ଥିବା ବେଳେ, ଏହି ୧୦୦ଟି ବସ୍ ଯୋଡି ହେବା ପରେ କ୍ୟାପିଟାଲ ରିଜିଅନରେ ଆଉ ୮ଟି ନୂଆ ରୁଟ୍‌ରେ ଆମ ବସ୍ ସେବା ପ୍ରଦାନ କରାଯିବ। ନୂତନ ଭାବେ ନିର୍ମିତ ନରାଜ୍ ଇଲେକ୍ଟ୍ରିକ୍ ବସ୍ ଡିପୋ ମଧ୍ୟ ଆଜି ଉଦଘାଟିତ ହୋଇଛି। ଏହି ୧୦୦ଟି ନୂଆ ଇଲେକ୍ଟ୍ରିକ୍ ବସ୍ ଏହି ନରାଜ ଡିପୋରୁ ହିଁ ଚଳାଚଳ କରିବ। ଏହି ନରାଜ ବସ୍ ଡିପୋ ସମ୍ପୂର୍ଣ୍ଣ ଭାବେ ଗ୍ରିନ ବିଲ୍ ଡିଙ୍ଗ ଟେକ୍ନୋଲୋଜିର ନିର୍ମାଣ ହୋଇଛି।

ବୌଦ୍ଧବାସୀଙ୍କ ସ୍ୱପ୍ନ ସାକାର

ଭୁବନେଶ୍ୱର, ୨୦।୬(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମ ଥର ପାଇଁ ବୌଦ୍ଧ ଜିଲ୍ଲାକୁ ରେଳ ସଂଯୋଗୀକରଣକୁ ବିସ୍ତାର କରୁଥିବା ନୂତନ ଟ୍ରେନ ସେବାକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହା ସହିତ ଦେଶର ରେଳ ମାନଚିତ୍ରରେ ବୌଦ୍ଧ ଜିଲ୍ଲା ପ୍ରଥମ ଥର ପାଇଁ ଯୋଡ଼ି ହୋଇଛି। ପ୍ରଧାନମନ୍ତ୍ରୀ ଆଜି ଦୁଇଟି ନୂତନ ଟ୍ରେନ୍ ବୌଦ୍ଧ-ସମ୍ବଲପୁର ଓ ବୌଦ୍ଧ-ଭୁବନେଶ୍ୱର ନ୍ୟୁ ଚଳାଚଳର ଶୁଭାରମ୍ଭ କରିଥିଲେ। ରେଳ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଗୋଟିଏ ପ୍ରକଳ୍ପର ଶିଳାନ୍ୟାସ କରିଥିବା ବେଳେ ୬ଟି ପ୍ରକଳ୍ପର ଉଦଘାଟନ

କରିଛନ୍ତି। ଏହି ପ୍ରକଳ୍ପ ଗୁଡିକ ପାଇଁ ୨୭୫୬ କୋଟି ଟଙ୍କା ବିନିଯୋଗ ହୋଇଛି। ଗୁରୁତ୍ୱପୂର୍ଣ୍ଣ ସୋନପୁର-ପୁରୁଣା କଟକ ରେଳ ଲାଇନ୍ ଉଦଘାଟିତ ହୋଇଛି, ୭୩ କିଲୋମିଟର ଦୀର୍ଘ ଏହି ରେଳ ଲାଇନ ବହୁପ୍ରତୀକ୍ଷିତ ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ରେଳ ଲାଇନ୍ ପ୍ରକଳ୍ପର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହାଦ୍ୱାରା ପ୍ରଥମ ଥର ପାଇଁ ବୌଦ୍ଧ ଜିଲ୍ଲାକୁ ରେଳ ସଂଯୋଗ ହୋଇପାରିଛି। ଏହା ସହିତ ଅନ୍ୟାନ୍ୟ ରେଳ ପ୍ରକଳ୍ପର ମଧ୍ୟ ଶୁଭାରମ୍ଭ କରାଯାଇଛି। ପ୍ରଧାନମନ୍ତ୍ରୀ ସରଳା-ଶାସନ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ରେଳ ଲାଇନର ଶିଳାନ୍ୟାସ କରିଛନ୍ତି। ଏହି ପ୍ରକଳ୍ପ ଝାରସୁଗୁଡ଼ା-ସମ୍ବଲପୁର ଭଳି ବ୍ୟସ୍ତତମ ରେଳ ସେକ୍ସନରେ ଟ୍ରାଫିକ ଭାର ହ୍ରାସ କରିବ ଏବଂ ଶିଳ୍ପ ଏବଂ ଯାତ୍ରୀ ପରିବହନକୁ ବୃଦ୍ଧି କରିବ। ଏହା ସହିତ, ପ୍ରଧାନମନ୍ତ୍ରୀ ସୋନପୁର-ପୁରୁଣାକଟକ ମଧ୍ୟରେ ୭୩ କିଲୋମିଟର ଲମ୍ବା ନୂତନ ରେଳ ଲାଇନର ଉଦଘାଟନ କରିଛନ୍ତି। ଏହି ରେଳ ଲାଇନ ୩୦୧ କିଲୋମିଟର ଲମ୍ବା ଖୋର୍ଦ୍ଧା ରୋଡ-ବଲାଙ୍ଗିର ରେଳ ଲାଇନର ଏକ ଅଂଶ।ଏହାର ନିର୍ମାଣ ସହିତ, ବୌଦ୍ଧ ଜିଲ୍ଲା ମୁଖ୍ୟାଳୟ ପ୍ରଥମ ଥର ପାଇଁ ରେଳ ନେଟୱାର୍କ ସହିତ ସଂଯୋଗ ହୋଇଛି। ଏହି ଅଞ୍ଚଳ ଏବେ ଭାରତର ରେଳ ମାନଚିତ୍ରରେ ଅନ୍ତର୍ଭୁକ୍ତ ହେବ, ଯାହା ସ୍ଥାନୀୟ ଲୋକଙ୍କ ଦଶନ୍ଧି ପୁରୁଣା ସ୍ୱପ୍ନ ପୂରଣ ହୋଇଛି।

ବର୍ଷକର ସଫଳତା ବଖାଣିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦।୬(ମହାଭାରତ): ଓଡ଼ିଶାରେ ବିଜେପି ସରକାରର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଜନତା ମଇଦାନ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ୱାଗତ କରି କହିଛନ୍ତି ଯେ ଆଜି ଓଡ଼ିଶାବାସୀଙ୍କ ପାଇଁ ଏକ ଗରିମାମୟ ଅବସର। ଏକ ବର୍ଷ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ, ଓଡ଼ିଶାର ନୂତନ ସରକାର ଶପଥ ଗ୍ରହଣ କରିଥିଲା ଏବଂ ଏହି ସଫଳ ଏକ ବର୍ଷର ଯାତ୍ରା ପରେ, ଆଜି ଆପଣଙ୍କ ଉ

ଚକୋଲେଟ ସନ୍ଦେଶ

ପ୍ରାୟ ଲୋକଙ୍କୁ ମିଠା ଖାଇବା ଭଲ ଲାଗିଥାଏ । ଏଥିପାଇଁ ସେମାନେ ବଜାରରୁ ମିଠା ଆଣି ଫ୍ରିଜରେ ରଖିଥାନ୍ତି । କିନ୍ତୁ ଏବେର ଅପମିଶ୍ରଣଯୁକ୍ତ ମିଠା ଖାଇବା ଠାରୁ ଭଲ ଘରେ ପ୍ରସ୍ତୁତ କରି ଖାଇବା। ଏଥିପାଇଁ ଆଜି ଆମେ ଆପଣଙ୍କୁ ଚକୋଲେଟ ସନ୍ଦେଶ କିପରି ପ୍ରସ୍ତୁତ କରାଯାଏ ସେ ବିଷୟରେ ଜଣାଇବୁ । ଆବଶ୍ୟକ ସାମଗ୍ରୀ: ଫ୍ରେସ ପନୀର ୧କପ,ଚିନି ୧ଟେବୁଲ ଚାମଚ,କୋକୋ ପାଉଡ଼ର ୧ଟେବୁଲ ଚାମଚ,ଭାନିଲା ଏସେନ୍ସ ୧/୨ ଟେବୁଲ ଚାମଚ,ଡ୍ରାଏଫ୍ରୁଟସ ୨ଟେବୁଲ ଚାମଚ,ଘିଅ ୧ଚାମଚ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ର ନିଅନ୍ତୁ । ସେଥିରେ କିଛି ପନୀର ଏବଂ ଚିନି ପକାଇ ଭଲ ଭାବେ ମିକ୍ସ କରନ୍ତୁ । ଏହା ପରେ ଏଥିରେ କୋକୋ ପାଉଡ଼ର ଏବଂ ଭାନିଲା ଆସେନ୍ସ ପକାଇ ନରମ ହେବା ପର୍ଯ୍ୟନ୍ତ ଫେଣ୍ଟନ୍ତୁ । ଏହା ପରେ ମିକ୍ସଚରକୁ ୮ସମାନ ଭାଗରେ ବାଣ୍ଟି ଦିଅନ୍ତୁ ଏବଂ ହାତରେ ଅଳ୍ପ ଘିଅ ଲଗାଇ ଗୋଟେ ଗୋଟେ ଭାଗ ନେଇ ଗୋଲ ଗୋଲ କରି ଦବାନ୍ତୁ ଏବଂ ଏହା ଉପରେ କିଛି ଡ୍ରାଏ ଫ୍ରୁଟସ ରଖନ୍ତୁ । ଏହା ପରେ ଏହାକୁ ଅତି କମରେ ୩୦ମିନିଟ ପର୍ଯ୍ୟନ୍ତ ଫ୍ରିଜରେ ସେଟ ହେବା ପାଇଁ ରଖିଦିଅନ୍ତୁ। ଏହା ପରେ ଏହାକୁ ବାହାର କରନ୍ତୁ ଏବଂ ଖାଇବାକୁ ଦିଅନ୍ତୁ ।

..... ଖବର .....

ବହୁ ଦିନ ପରେ ଧମାଲ କରିବେ ମିଷ୍ଟର୍ ପର୍ଫେକ୍ସନିଷ୍ଟ୍

ଦୀର୍ଘ ଦିନର ବ୍ୟବଧାନ ପରେ ପରଦାରେ ଧମାଲ ମଚାଇବେ ମିଷ୍ଟର୍ ପର୍ଫେକ୍ସନିଷ୍ଟ୍। ପ୍ରାୟ ତିନି ବର୍ଷ ପରେ ପୁଣି ପରଦାକୁ ଫେରିଲେ ଅଭିନେତା ଅମୀର ଖାନ । ପୂର୍ବରୁ ୨୦୨୨ ରେ ତାଙ୍କ ଫିଲ୍ମ 'ଲାଲ ସିଂହ ଚଢ୍ଢା' ରିଲିଜ୍ ହୋଇଥିଲା ଯାହା ଫ୍ଲପ୍ ହୋଇଥିଲା । ବର୍ତ୍ତମାନ ସେ 'ସୀତାରେ ଜମିନ ପର' ସହ ପରଦାକୁ କମ୍ୟାକ୍ କରିଛନ୍ତି।

କାହାଣୀ ଦୃଷ୍ଟିରୁ ଏଠାରେ କିଛି ନୂତନତା ନାହିଁ। ସୀତାରେ ଜମିନ୍ ପର ହେଉଛି ୨୦୧୮ର ସ୍ପାନିସ୍ ଚଳଚ୍ଚିତ୍ର, କ୍ୟାମ୍ପିଅନ୍ସ (ଝମ୍ପିଅନ୍ସ)ର ଏକ ଅଫିସିଆଲ୍ ରିମେକ୍। ଏହି ଫିଲ୍ମ ଆର. ଏସ. ପ୍ରସନ୍ନଙ୍କ ନିର୍ଦ୍ଦେଶିତ ।

ଆରୁଷ ଦତ୍ତା, ଗୋପୀ କୃଷ୍ଣନ୍ ବର୍ମା, ବେଦାନ୍ତ ଶର୍ମା, ନମନ ମିଶ୍ର, ରିଷି ଶାହାଣୀ ଏବଂ ରିଷଭ ଜୈନ ଆଦି ଏଥିରେ ନିଜର ଚମତ୍କାର ଅଭିନୟ ପ୍ରଦଶର୍ନ କରିଛନ୍ତି। 'ସୀତାରେ ଜମିନ୍ ପର' ଅମିର ଖାନ ପ୍ରଡକ୍ସନ୍ସ ବ୍ୟାନରରେ ଫିଲ୍ମଟି ନିର୍ମିତ ହୋଇଛି। ଯେଉଁଥିରେ ଅମୀର ଖାନ ଏବଂ ଜେନେଲିଆ ଦେଶମୁଖ ମୁଖ୍ୟ ଭୂମିକାରେ ନଜର ଆସିଛନ୍ତି।

ଅମିର ଖାନଙ୍କ ପୁରା ନାମ ହେଉଛି ମହମ୍ମଦ ଅମିର ହୁସେନ ଖାନ ବଲିଉଡର ଜଣେ ଅଭିନେତା, ନିର୍ଦ୍ଦେଶକ, ପ୍ରଯୋଜକ, ସ୍କ୍ରିନ ଲେଖକ ଓ ସ୍ୱଚ୍ଛାସେବୀ । ହିନ୍ଦୀ ଚଳଚ୍ଚିତ୍ର ଜଗତରେ ନିଜ କ୍ୟାରିୟରରେ ସେ ନିଜକୁ ଜଣେ ପ୍ରଖ୍ୟାତ, ପ୍ରତିପତ୍ତିଶାଳୀ ଏବଂ ପ୍ରଭାବଶାଳୀ କଳାକାର ରୂପେ ପ୍ରତିଷ୍ଠିତ କରାଇଛନ୍ତି । ସେ ୪ଟି ଜାତୀୟ ଫିଲ୍ମ ଆୱାର୍ଡ ଓ ୭ଟି ଫିଲ୍ମ ଫେୟାର ଆୱାର୍ଡ ଅର୍ଜନ କରିଛନ୍ତି । ୨୦୦୩ରେ ସେ ପଦ୍ମଶ୍ରୀ ଓ ୨୦୧୦ରେ ପଦ୍ମଭୂଷଣ ମଧ୍ୟ ପାଇଥିଲେ ।

ଈଶ୍ୱରଙ୍କ ଅନୁଭବ

ଜଣେ ଧାର୍ମିକ ବ୍ୟକ୍ତି ଥିଲେ । ଈଶ୍ୱରଙ୍କ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ରହିଥିଲା । ସେ ମନରେ ପ୍ରଭୁଙ୍କର ଏକ ଚିତ୍ର ଆଙ୍କିଦେଇଥିଲେ । ଦିନେ ସେହି ବ୍ୟକ୍ତିଜଣକ ଡାକିଲେ, ହେ ଈଶ୍ୱର ମୋ ସହ କଥା ହୁଅନ୍ତୁ । ଏହି ସମୟରେ ଏକ ପକ୍ଷୀ ରାବ କଲା । କିନ୍ତୁ ସେ ଶୁଣିପାରିଲେ ନାହିଁ । ସେ ପୁଣି ଥରେ ଜୋର୍‌ରେ ଈଶ୍ୱରଙ୍କୁ ଡାକିଲେ । ଏହି ସମୟରେ ଆକାଶରେ କିଛି ବାଦଲ ଗର୍ଜିଲା । ସେ ବ୍ୟକ୍ତିଜଣଙ୍କ ଚାରି ଆଡ଼କୁ ଚାହିଁଲେ ଏବଂ କହିଲେ, ଭଗବାନ ଦୟାକରି ମୋ ସମ୍ମୁଖକୁ ଆସନ୍ତୁ । ସେ ଏତକ କହିବା କ୍ଷଣି ଆକାଶରୁ ବାଦଲ ହଟିଗଲା ଏବଂ ସୂର୍ଯ୍ୟ ଚମକିବାକୁ ଲାଗିଲେ । ଶେଷରେ ସେହି ବ୍ୟକ୍ତିଜଣକ ଖୁବ୍ ଜୋରରେ ଚିଲ୍ଲାଇ କହିଲେ ଭଗବାନ ମୋତେ କୌଣସି ଚମତ୍କାର ଦେଖାନ୍ତୁ । ଏହି ସମୟରେ ଏକ ଶିଶୁ ଜନ୍ମ ନେଲା ଏବଂ ତା'ର ପ୍ରଥମ ରୋଦନ ବ୍ୟକ୍ତିଜଣଙ୍କୁ ଶୁଣାଗଲା । କିନ୍ତୁ ସେ ସେଥିପ୍ରତି ଧ୍ୟାନ ଦେଲେ ନାହିଁ । ଏବେ ସେହି



ବ୍ୟକ୍ତିଜଣଙ୍କ କାନ୍ଦିବାକୁ ଲାଗିଲେ ଏବଂ ଭଗବାନଙ୍କୁ ପ୍ରାର୍ଥନା କରି କହିଲେ- ହେ ଭଗବାନ ମୋତେ ଥରେ ଛୁଇଁ ଦିଅନ୍ତୁ, ଯାହାଦ୍ୱାରା ମୁଁ ଜାଣିପାରିବି ଯେ ଆପଣ ମୋ ପାଖରେ ଅଛନ୍ତି ବୋଲି । ତାଙ୍କ କଥା ନସରୁଣୁ ପ୍ରଜାପତିଟିଏ ଆସି ତାଙ୍କ ହାତରେ ବସିଗଲା । କିନ୍ତୁ ବ୍ୟକ୍ତିଜଣକ ସେହି ପ୍ରଜାପତିକୁ ଉଡ଼ାଇ ଦେଲେ ଏବଂ ଉଦାସ ମନରେ ଆଗକୁ ଚାଲିଲେ । ଭଗବାନ ଏତେ ରୂପରେ ସେହି ବ୍ୟକ୍ତି ଜଣଙ୍କ ନିକଟରେ ପହଞ୍ଚିବାକୁ ଚେଷ୍ଟା କଲେ । କିନ୍ତୁ ସେ ଈଶ୍ୱରଙ୍କୁ ଚିହ୍ନି ପାରିଲେ ନାହିଁ । କାରଣ ତାଙ୍କ ମନରେ ଈଶ୍ୱରଙ୍କ ଅନୁଭବ ନଥିଲା । ଈଶ୍ୱର ପ୍ରତ୍ୟେକ ସ୍ଥାନରେ ରହିଛନ୍ତି । ସେ ଭିନ୍ନ ଭିନ୍ନ ରୂପରେ ଆମ ନିକଟକୁ ଆସିଥାନ୍ତି । ଆମେ କେବଳ ତାଙ୍କୁ ଚିହ୍ନି ପାରିବା ଆବଶ୍ୟକ

ଭାଇରାଲ ଜ୍ୱରରେ ଅବହେଳା ବିପଦଜନକ

ଭାଇରାଲ ଜ୍ୱରରେ କୌଣସି ପ୍ରକାରର ଅବହେଳା ପୀଡ଼ିତଙ୍କ ନିମନ୍ତେ ବିପଦଜନକ ସାବ୍ୟସ୍ତ ହୋଇପାରେ। ଭାଇରାଲ ଜ୍ୱର ଯଦି ୩ ଦିନରେ ନିୟନ୍ତ୍ରିତ ନ ହେଲା ତେବେ ତୁରନ୍ତ ଡେଙ୍ଗୁ, ଚିକେନଗୁନିଆ ଯାଞ୍ଚ କରାଇ ଚିକିତ୍ସାର ବ୍ୟବସ୍ଥା କରନ୍ତୁ। ଏହାକୁ ଅଣଦେଖା କଲେ ଜ୍ୱରରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଜୀବନ ଉପରକୁ ବିପଦ ଘନେଇପାରେ ବୋଲି ବିଶେଷଜ୍ଞ ସତର୍କ କରିଛନ୍ତି। ବର୍ତ୍ତମାନ ସମୟରେ ହସ୍ପିଟାଲ ପହଞ୍ଚୁଥିବା ପ୍ରାୟ ୨୫ ପ୍ରତିଶତ ରୋଗୀ ଭାଇରାଲ ଜ୍ୱରରେ ଆକ୍ରାନ୍ତ। ବଦଳୁଥିବା ପାଣିପାଗ ଏପରି ଜ୍ୱର

ବ୍ୟାପିବାର ମୁଖ୍ୟ କାରଣ କୁହାଯାଉଛି।ଏହି ଜ୍ୱାରରୁ ଶିଶୁ, କିଶୋର ଓ ବୟସ୍କ ଲୋକେ ମଧ୍ୟ ବାଦେ ପଡୁ ନାହାନ୍ତି। ଏହା ଆଜୁଆଳରେ ଡେଙ୍ଗୁ ଓ ଚିକନ ଗୁନିଆ ହେବାର ବିପଦ ରହୁଛି। ଏଣୁ ଜ୍ୱରରେ ଚିକିତ୍ସା ପାଇଁ ପହଞ୍ଚୁଥିବା ଲୋକଙ୍କ ମଧ୍ୟରୁ ୧୫ ପ୍ରତିଶତ ଭାଇରାଲରେ ଆକ୍ରାନ୍ତ ରହୁଥିବା ଜଣାପଡିଛି। ଏପରି ଲୋକଙ୍କ ସ୍ୱତନ୍ତ୍ର ଚିକିତ୍ସା ସହିତ ଦେଖରେଖର ମଧ୍ୟ ଆବଶ୍ୟକତା ରହୁଛି। ଯଦି ଘରେ କାହାରିକୁ ଭାଇରାଲ ଜ୍ୱର ହେଉଛି ତେବେ ତାଙ୍କ ପିଇବା ପାଣି ସିଝାଇ ଥଣ୍ଡାକରି ପିଇବାକୁ ଦିଅନ୍ତୁ। ଡାକ୍ତରଙ୍କ ପରାମର୍ଶ ମୁତାବକ ନିର୍ଦ୍ଧାରିତ ସମୟରେ ଔଷଧ ଖଆନ୍ତୁ। ଏହା ବାଦେ ଯଦି ଜ୍ୱର ୩ ଦିନ ମଧ୍ୟରେ ନ ଛାଡୁଛି ତେବେ ପୁଣି ଡାକ୍ତରଙ୍କ ପରାମର୍ଶ କରି ଆବଶ୍ୟକ ପରୀକ୍ଷା ନିରୀକ୍ଷା କରନ୍ତୁ।ଭାଇରାଲ ଜ୍ୱର ଗୋଟିଏ ଗୋଟିଏ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ଆକ୍ରାନ୍ତ କରୁଛି। ଏଥିରେ ଶିଶୁ ଓ ବୟସ୍କ ଲୋକେ ବିଶେଷ ପ୍ରଭାବିତ ହେଉଛନ୍ତି। ଏଣୁ ଔଷଧ ଦୋକାନରେ ଲକ୍ଷଣ କହି ଔଷଧ ଆଣି ଚିକିତ୍ସା କରାଇବା ବଦଳେ ଜ୍ୱାରରେ ପୀଡ଼ିତଙ୍କୁ ହସ୍ପିଟାଲ ନେଇ ଡାକ୍ତର ଦେଖାଇ ତାଙ୍କ ପରାମର୍ଶ ମୁତାବକ ଦେଖରେଖ ଓ ଚିକିତ୍ସା କରନ୍ତୁ।ଏଥିରେ ଯଦି କାହାରିଠାରେ ଡେଙ୍ଗୁ କି ଚିକନଗୁନିଆ ପରୀକ୍ଷଣରେ ଆସୁଛି ତେବେ ବିଳମ୍ବ ନ କରି ତୁରନ୍ତ ଉପଚାର ବ୍ୟବସ୍ଥା କରନ୍ତୁ।ଭାଇରାଲ ଜ୍ୱରରେ ଆକ୍ରାନ୍ତ ଲୋକଙ୍କୁ ଖାଦ୍ୟରେ ଡାଲି ଓ ସବୁଜ ପନିପରିବା ପ୍ରସ୍ତୁତ ତରକାରୀ ଖାଇବାକୁ ଦିଅନ୍ତୁ। ରୋଗୀଙ୍କୁ ମସାରୀ ମଧ୍ୟରେ ରଖିବାକୁ ଚେଷ୍ଟା କରନ୍ତୁ।ୟ ୩ରୁ ୪ ଦିନ ମଧ୍ୟରେ ଯଦି ଜ୍ୱର ଉପସମ ନ ହେଲା ତେବେ ନିଶ୍ଚିତ ଡାକ୍ତରଙ୍କ ପରାମର୍ଶରେ ଯାଞ୍ଚ କରି ଯାଞ୍ଚ□ ରିପୋର୍ଟ ଅନୁସାରେ ଚିକିତ୍ସା କରାନ୍ତୁ। ଜ୍ୱରକୁ ଅବହେଳା କରନ୍ତୁ ନାହିଁ।

ଘିଅ ଖାଆନ୍ତୁ, ଓଜନ କମାନ୍ତୁ; ଜାଣନ୍ତୁ କେଉଁ ସମୟରେ ଘିଅ ଖାଇବା ଶରୀର ପାଇଁ ଅଧିକ ହିତକର

ଘିଅ ଶରୀର ପାଇଁ ହିତକର। କିନ୍ତୁ ଘିଅ ସାଧାରଣତଃ ଖାଲି ପେଟରେ ଖାଇବା ସ୍ୱାସ୍ଥ୍ୟ ପାଇଁ ଅଧିକ ଲାଭଦାୟକ ହୋଇପାରେ। ସକାଳ ଜଳଖିଆ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଯଦି ଆପଣ ଜଳଖିଆ ପୂର୍ବରୁ ଖାଲି ପେଟରେ ଘି ଖାଆନ୍ତି, ତେବେ ଆପଣ କେବଳ ସୁସ୍ଥ ରହିବେ ନାହିଁ ବରଂ ଫିଟ୍, ଚତୁର ଏବଂ ସୁସ୍ଥ ମଧ୍ୟ ରହିବେ ।ଯଦି ଆପଣ ପ୍ରତିଦିନ ଏକ ଚାମଚ ଘିଅ ଖାଉଛନ୍ତି, ତେବେ ଶରୀର ସହିତ ଜଡିତ ସମସ୍ତ ଛୋଟ ଏବଂ ବଡ ରୋଗ ସବୁଦିନ ପାଇଁ ଭଲ ହୋଇପାରିବ। ଖାଲି ପେଟରେ ଘିଅ ଖାଇବା ଦ୍ୱାରା ଶରୀରର ଚର୍ବି କମିଯାଏ, ଓଜନ ହ୍ରାସ ହେବା ସହିତ ଏହା ହଜମ ହେବା ସହିତ କେଶ ଏବଂ ଚର୍ମ ପାଇଁ ମଧ୍ୟ ଲାଭଦାୟକ ଅଟେ। ତେଣୁ ଚାଲନ୍ତୁ ଜାଣିବା ସକାଳେ ଖାଲି ପେଟରେ ଘିଅ ଖାଇବା ଦ୍ୱାରା କଣ ସବୁ ଉପକାରିତା ମିଳିଥାଏ ।

୧.ତ୍ୱଚା ପାଇଁ ଖୁବ୍ ଉପକାରୀ ଘିଅ- ଆପଣ ଘିଅକୁ ମେଦବହୁଳତା ସହିତ ଯୋଡିପାରନ୍ତି, କିନ୍ତୁ ଘିଅ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ । ଘିଅ ଖାଇବା ଦ୍ୱାରା କୋଷଗୁଡ଼ିକ ପୁନଃଜୀବିତ ହୋଇପାରିବ। ଏହା ଆପଣଙ୍କ ତ୍ୱଚାକୁ ଚମକାଇବାରେ ସାହାଯ୍ୟ କରିଥାଏ।

୨. ଆର୍ଥ୍ରାଇଟିସରେ ଲାଭଦାୟକ - ଖାଲି ପେଟରେ ଘିଅ ଖାଇବା ଦ୍ୱାରା ଆର୍ଥ୍ରାଇଟିସରୁ ମୁକ୍ତି ମିଳିଥାଏ । ଗଣ୍ଠି ଯନ୍ତ୍ରଣାରୁ ଆପଣ ଆରାମ ମଧ୍ୟ ପାଇପାରିବେ । ଘିଅରେ ଓମେଗା ଫ୍ୟାଟି ଏସିଡ୍ ମଧ୍ୟ ଥାଏ ଯାହା ଅଷ୍ଟିଓପୋରୋସିସ୍ ହେବାର ସମ୍ଭାବନାକୁ ହ୍ରାସ କରିଥାଏ।

୩.ମନକୁ ସକ୍ରିୟ ରଖେ- ମସ୍ତିଷ୍କକୁ ସକ୍ରିୟ ରଖିବାରେ ଘିଅ ସହାଯ୍ୟ କରିଥାଏ। ସକାଳେ ଖାଲି ପେଟରେ ଘିଅ ଖାଇଲେ, ଏହା ମସ୍ତିଷ୍କର କୋଷଗୁଡ଼ିକ ସକ୍ରିୟ

ହୋଇଥାଏ। ଯେଉଁଥିପାଇଁ ସ୍ମରଣ ଶକ୍ତି ବଢ଼ିଥାଏୟ ଅଲଜାଇମର ପରି ସମସ୍ୟା ସହ ଲଢ଼ିବାରେ ମଧ୍ୟ ଏହା ସାହାଯ୍ୟ କରିଥାଏ।

୪. ଓଜନ ହ୍ରାସ କରିବାରେ ଲାଭଦାୟକ - ସକାଳେ ଖାଲି ପେଟରେ ଗୋଟିଏ ଚାମଚ ଘିଅ

ଖାଇବା ମଧ୍ୟ ଓଜନ ହ୍ରାସ କରିଥାଏ। ଲୋକଙ୍କ ମଧ୍ୟରେ ଏହା ଏକ ବଡ ଭୁଲ ଧାରଣା ଯେ ଘିଅ ବ୍ୟବହାର କରିବା ଦ୍ୱରା ସେମାନଙ୍କର ଓଜନ ବଢ଼ିଥାଏ, କିନ୍ତୁ ଯଦି ଆପଣ ପ୍ରତିଦିନ ସକାଳେ ଖାଲି ପେଟରେ ୫ ରୁ ୧୦ ଏମଏଲ୍ ଘିଅ ସେବନ କରୁଛନ୍ତି, ଏହା ଆପଣଙ୍କ ମେଟାବୋଲିକ୍ ହାର ବଢାଇଥାଏ ଏବଂ ଆପଣଙ୍କ ଓଜନ ହ୍ରାସ କରିଥାଏ

୫. କେଶ ପାଇଁ ଲାଭଦାୟକ - ଘିଅ କେଶ ପାଇଁ ଲାଭଦାୟକ ପ୍ରମାଣିତ ହୋଇପାରେ। ସକାଳେ ଖାଲି ପେଟରେ ଘିଅ ଖାଇବା ଦ୍ୱାରା ଆପଣଙ୍କ କେଶ ଝଡିବା ସମସ୍ୟା ବି ଦୂର ହୋଇଥାଏ।

ନିୟମିତ ଖାଆନ୍ତୁ ଶୁଣ୍ଠି, ଏହି ସବୁ ରୋଗରୁ ମିଳିବ ମୁକ୍ତି

ଅଧିକାଂଶ ଘରେ ଖାଦ୍ୟ ପ୍ରସ୍ତୁତି ପାଇଁ ଅଦାର ବ୍ୟବହାର କରାଯାଇଥାଏ ।ଅଦାକୁ ବିଭିନ୍ନ ରୂପରେ ବ୍ୟବହାର କରାଯାଏ । ଶୁଖିଲା ଅଦାକୁ ଶୁଣ୍ଠି କୁହାଯାଏ । ଶୁଣ୍ଠି ଖାଇବା ଦ୍ୱାରା ଥଣ୍ଡାକାଶ ଓ ଗଳା ଦରଜ କମିବା

ସହ ପାଚନ ତନ୍ତ୍ର ସମସ୍ୟା ଦୂର ହୋଇଥାଏ । ଏହାବ୍ୟତୀତ ମୋଟାପଣ ମଧ୍ୟ କମ୍ ହୋଇଥାଏ । ଶୁଣ୍ଠି ଆଇରନ୍, ଫାଇବର, ସୋଡିୟମ୍, ଫେଲେଟ୍ ଏସିଡ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଭିଟାମିନ୍- ଏ, ଜିଙ୍କ୍ ଓ ଫ୍ୟାଟି ଏସିଡ୍ରେ ଭରପୂର ।ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ । ଯେଉଁମାନଙ୍କର ଆର୍ଥ୍ରାଇଟିସ୍ ସମସ୍ୟା ରହିଛି, ସେମାନେ ନିୟମିତ ଶୁଣ୍ଠି ଖାଇବା ଦ୍ୱାରା ଯନ୍ତ୍ରଣାରୁ ମୁକ୍ତି ପାଇପାରିବେ। ଋତୁ ପରିବର୍ତ୍ତନରୁ ହେଉଥିବା ଥଣ୍ଡା-କାଶରୁ ରକ୍ଷା ପାଇବା ପାଇଁ ଶୁଣ୍ଠି ଗୁଣ୍ଡକୁ ହାଲ୍କା ଗରମ ପାଣି ସହ ପିଇପାରିବେ।

ଯେଉଁ ପରିବାକୁ ହଜମ କରିବା କଷ୍ଟ ହୋଇଥାଏ। ସେଥିରେ ହାଲ୍କା ଶୁଣ୍ଠିଗୁଣ୍ଡର ପ୍ରୟୋଗ କରିବା ଦ୍ୱାରା ତାହା ସହଜରେ ହଜମ ହୋଇଥାଏ।

ଶୁଣ୍ଠି ମେଟାବଲିଜିମ୍ ବଢାଇ ଓଜନ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିଥାଏ ।ଶୁଣ୍ଠିକୁ ଦୁଗ୍ଧରେ ମିଶାଇ ମିଶ୍ରଣକୁ ତ୍ୱଚାରେ ଲଗାଇ ୧୦ରୁ ୨୦ ମିନିଟ୍ ଯାଇ ଛାଡି ଦିଅନ୍ତୁ । ଶୁଖିବା ପରେ ଥଣ୍ଡା ପାଣିରେ ମୁହଁକୁ ଧୋଇ ନିଅନ୍ତୁ । ତ୍ୱଚାରେ ଚମକ ଆସିଥାଏ ।

ଭୁବନେଶ୍ୱରରେ ମୋଦୀ ମାନିଆ

ମହିଳାଙ୍କୁ ସୁରକ୍ଷା ଦାବିରେ କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର, ୨୦।୬ (ମହାଭାରତ) : ଓଡ଼ିଶା ଭଳି ଶାନ୍ତିପ୍ରିୟ ରାଜ୍ୟରେ ବିଜେପି ସରକାରକୁ ଅ।ସିବାର ୧ବର୍ଷ ଭିତରେ ମହିଳା ଓ ଶିଶୁମାନଙ୍କ ଉପରେ ହିଂସା, ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଭଳି ଘଟଣା ଚରମସୀମାରେ ପହଞ୍ଚିଛି। ପୂର୍ବ ସରକାର ସମୟରେ ଦିନକୁ ୭ ଜଣ ମହିଳା ଗଣଦୁଷ୍କର୍ମର ଶିକାର ହେଉଥିବା ବେଳେ ବିଗତ ୧ ବର୍ଷ ଭିତରେ ତାହା ବିପଦଜନକ ଭାବେ ବୃଦ୍ଧିପାଇ ବର୍ତ୍ତମାନ ଦିନକୁ ୧୫ ଜଣ ମହିଳା ଗଣଦୁଷ୍କର୍ମରେ ଶିକାର ହେଉଛନ୍ତି । ଅ।ଜି ମୋଦିଙ୍କ ଓଡ଼ିଶା ଅ।ଗମନ ଓ ସବୁକ୍ଷେତ୍ରରେ ବିଫଳ ହୋଇଥିବା ମୋହନ ମାଝୀଙ୍କ ସରକାରକୁ ଜାଲି ସାର୍ଟିଫିକେଟ ଦେଇ ତୁଚ୍ଛା ବାହାବାହା ନେବାର ପ୍ରୟାସକୁ ପ୍ରଦେଶ କଂଗ୍ରେସ ତରଫରୁ ଶାନ୍ତିପୂର୍ଣ୍ଣ ଅନଶନ ମାଧ୍ୟମରେ ବିରୋଧ କରାଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଅ।ୟୋଜିତ ହେଇଥିବା ଶାନ୍ତିପୂର୍ଣ୍ଣ ଅନଶନରେ ପ୍ରଦେଶ କଂଗ୍ରେସର ତମାମ ବରିଷ୍ଠ ନେତା, ମହିଳା କଂଗ୍ରେସ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ପିସିସି କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ସକାଳ ୯ ଘଂଟା ଠାରୁ ସଂଧ୍ୟା ୬ ଘଂଟା ପର୍ଯ୍ୟନ୍ତ ଅନଶନ ଧର୍ମଘଟରେ ବସିଥିଲେ। ପିସିସି ସଭାପତି କହିଥିଲେ ଯେ ରାଜ୍ୟରେ ଗଞ୍ଜାମ ଜିଲ୍ଲା ଗୋପାଳପୁର ଠାରେ ଘଟିଥିବା ଲୋମହର୍ଷଣକାରୀ ଗଣଦୁଷ୍କର୍ମ ଘଟଣା ସମଗ୍ର ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି ଏବଂ ଏହା ଏକ ଜାତୀୟ ଲଜ୍ଜା। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝର-ହରିଚନ୍ଦନପୁର ଅଞ୍ଚଳରେ ଜଣେ ମହିଳାଙ୍କୁ ଦୁଷ୍କର୍ମ କରି ହତ୍ୟା କରିବା ସାଧାରଣ ଜନତାଙ୍କ ମନରେ ସରକାରଙ୍କର ପ୍ରତି ଗଭୀର ଅସନ୍ତୋଷ ଓ ଅବିଶ୍ୱାସ ସୃଷ୍ଟି କରିଛି। ଖୋଦ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଯଦି ମହିଳାମାନେ ଅସୁରକ୍ଷିତ ତାହାଲେ ରାଜ୍ୟର ଅବସ୍ଥା କେତେ ସାଂଘାତିକ ଏଥିରୁ ଅନୁମେୟ । ସମାନଭାବରେ ବାରିପଦା ଠାରେ ରାତିରେ ନିଜ ଘରେ ଶୋଇଥିବା ଅବସ୍ଥାରେ ଜଣେ ମହିଳାଙ୍କୁ ଉଠାଇ ନେଇ ଦୁଷ୍କର୍ମ କରିବା ଭଳି ଘଟଣା ପ୍ରମାଣିତ କରୁଛି ଯେ ରାଜ୍ୟର ଅ।ଇନ ଶୃଙ୍ଖଳା ପରିସ୍ଥିତି ସଂପୂର୍ଣ୍ଣ ଭୁଷୁଡ଼ି ଯାଇଛି । ଗତକାଲି କେନ୍ଦ୍ରାପଡ଼ା ଠାରେ ଜଣେ ଯୋଗଶିକ୍ଷକଙ୍କୁ ଦୁଷ୍କର୍ମ କରାଯିବା ଘଟଣା ଅ।ମ ସମସ୍ତଙ୍କୁ ଲଜ୍ଜିତ କରିଛି। ସମଗ୍ର ରାଜ୍ୟରେ ପୁରୀ, ଅନୁଗୁଳ, କନ୍ଧମାଳ ଏବଂ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ପରେ ଗୋଟିଏ ଏଭଳି ଭୟଙ୍କର ଘଟଣା ସାମନାକୁ ଅ।ସିବା ସତ୍ତ୍ୱେ ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କ ଗୃହ ବିଭାଗ ଏହାକୁ ନିୟନ୍ତ୍ରଣକୁ ଅ।ଣିବାରେ ସଂପୂର୍ଣ୍ଣ ଭାବରେ ବିଫଳ ହୋଇଛନ୍ତି। ଏହା ମୁଖ୍ୟମନ୍ତ୍ରୀ ଓ ବିଜେପି ସରକାରର ପ୍ରଶାସନିକ ଅପାରଗତା ଓ ସ୍ଥାଣୁତାକୁ ପଦାରେ ପକାଇଛି। ରାଜ୍ୟରେ ମା' ମାନଙ୍କର ସୁରକ୍ଷା ଅ।ଜି ସବୁଠାରୁ ବଡ଼ ପ୍ରଶ୍ନବାଚୀ ହୋଇ ଠିଅ। ହୋଇଛି । ମହିଳାମାନଙ୍କ ଉପରେ ବୁଥିବା ହିଂସାକୁ ନେଇ ଗତ ବିଧାନସଭା ଅଧିବେଶନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ବିବୃତି ଦାବି କରିବା ଫଳରେ କଂଗ୍ରେସର ସମସ୍ତ ବିଧାୟକଙ୍କୁ ଅନ୍ୟାୟୋଚିତ ଭାବେ ସସ୍ପେଣ୍ଡ କରାଯାଇଥିଲା। ଅ।ଜି ପରିଣାମ ସମସ୍ତଙ୍କ ସାମନାରେ ଏବଂ ବିଜେପି ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ। ଏକବିଂଶ ଶତାବ୍ଦୀରେ ଏବଂ ୨୦୨୫ ମସିହାରେ ଓଡ଼ିଶାର ଯାଜପୁର ସମେତ ୪ଟି ଜିଲ୍ଲାରେ ଦୂଷିତ ପାଣି ଯୋଗୁଁ ହଇଜା ମହାମାରୀ ବ୍ୟାପି ୨୪ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି ଏବଂ ୫ ହଜାରରୁ ଅଧିକ ଲୋକ ଏ ମହାମାରୀର ଶିକାର ହୋଇଛନ୍ତି। ସରକାରଙ୍କ ପାଖରେ ଏହାକୁ ନିୟନ୍ତ୍ରଣ କରିବାପାଇଁ କୌଣସି ସାଧନ ନାହିଁ । ବିଜେପି ସରକାର ବର୍ଷପୂର୍ତ୍ତି ପାଇଁ ଏତେ ପାଗଳ ଯେ ମା' ମାନଙ୍କର ସୁରକ୍ଷା ଏବଂ ଝାଡ଼ାବାନ୍ତିରେ ମୃତ୍ୟୁବରଣ କରିଥିବା ଲୋକଙ୍କ ଶବ ଉପରେ ଉତ୍ସବ ପାଳନ କରୁଛି। ଯଦି ପ୍ରଧାନମନ୍ତ୍ରୀଙ୍କର ସତସାହାସ ଅଛି ମୁଖ୍ୟମନ୍ତ୍ରୀଙ୍କୁ ସାଙ୍ଗରେ ନେଇ ଗୋପାଳପୁର ଗ୍ୟାଙ୍ଗରେପ ହୋଇଥିବା ଯାଗାକୁ ପରିଦର୍ଶନ କରନ୍ତୁ ଏବଂ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତି ନହେବା ନେଇ ଓଡ଼ିଶାବାସୀଙ୍କୁ ପ୍ରତିଶ୍ରୁତି ଦିଅନ୍ତୁ। ଅ।ମେ ଅ।ହ୍ୱାନ ଦେଉଛୁ ପ୍ରଧାନମନ୍ତ୍ରୀ ଯାଜପୁର ଜିଲ୍ଲା ଗସ୍ତରେ ଯାଇ ହଇଜାପ୍ରବଣ ଅଞ୍ଚଳର ସ୍ଥିତି ଦେଖନ୍ତୁ, ପରଖନ୍ତୁ ଏବଂ ସରକାରୀ ବିଫଳତାକୁ ସୁଧାରିବା ପାଇଁ ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ନିର୍ଦ୍ଦିଷ୍ଟ ଭାବେ ନିର୍ଦ୍ଦେଶ ଦିଅନ୍ତୁ । ବିଗତ ୧ ବର୍ଷ ଭିତରେ ରଙ୍ଗ ବଦଳାଇବା ଏବଂ ଅ।ତ୍ମ ପ୍ରଚାର କରିବାଛଡ଼ା ଏ ସରକାର ଲୋକକଲ୍ୟାଣ ନିମନ୍ତେ କୌଣସି କାର୍ଯ୍ୟ କରିବା ଦୁରର କଥା କିଛି କାମ ହାତକୁ ବି ନେଇନାହାନ୍ତି।

ଦଳ ତରଫରୁ ଶାନ୍ତିପୂର୍ଣ୍ଣ ଉପାୟରେ ଅନଶନ ପାଇଁ ଅ।ହ୍ୱାନ ଦିଅ।ଯାଇଥିବା ବେଳେ ଯୁବ କଂଗ୍ରେସ ସଭାପତି ଏବଂ ଯୁବ ଓ ଛାତ୍ର କଂଗ୍ରେସର ଶହଶ୍ରାଧିକ କାର୍ଯ୍ୟକର୍ତ୍ତାଙ୍କୁ ରାତି ଅଧିଅ। ଗିରଫ କରି ଅନଶନ ଧର୍ମଘଟରେ ସାମିଲ ହେବାକୁ ରୋକିବା ସଂପୂର୍ଣ୍ଣ ଅଗଣତାନ୍ତ୍ରିକ ଏବଂ ଡରୁଅ। ବିଜେପି ସରକାରର ହୀନମନ୍ୟତାକୁ ପଦାରେ ପକାଇଛି। ପ୍ରତ୍ୟେକ କ୍ଷେତ୍ରରେ ବର୍ଷେ ଭିତରେ ଓଡ଼ିଶାର ସାଧାରଣ ଜନତାଙ୍କୁ କଥା ଦେଇ କେବଳ ପ୍ରତାରିତ କରିଛନ୍ତି।

ବଢିଲା ୟୁଜି ନାମଲେଖା ଅବଧି

ଭୁବନେଶ୍ୱର, ୨୦।୬ (ମହାଭାରତ) ପ୍ରଥମ ପର୍ଯ୍ୟା।ୟ ୟୁଜି ୨୦୨୫-୨୬ ନାମଲେଖା ପାଇଁ ଅବଧି ବୃଦ୍ଧି କରାଯାଇଛି। ଆସନ୍ତାକାଲି ଅର୍ଥାତ୍ ଜୁନ୍ ୨୧ ତାରିଖ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନାମଲେଖା ଅବଧି ବଢିଛି। ଛାତ୍ରଛାତ୍ରୀ ନାମଲେଖା ପାଇଁ ଟଙ୍କା ଜମା କରି ନ ଥିଲେ ବର୍ଦ୍ଧିତ ସମୟ ଭିତରେ କରିପାରିବେ। ଯଦି କଲେଜରେ ରିପୋର୍ଟ କରିପାରି ନାହାନ୍ତି ତେବେ ମଧ୍ୟ କରିପାରିବେ। ପ୍ରଥମ ପର୍ଯ୍ୟା।ୟରେ ମନୋନୀତ ଛାତ୍ରଛାତ୍ରୀ ଏହା କରିପାରିବେ।

ସତର୍କ ସଙ୍କେତ ଟପିଲା ସୁବର୍ଣ୍ଣରେଖା

ଭୁବନେଶ୍ୱର,୨୦।୬ (ମହାଭାରତ) ସତର୍କ ସଂକେତ ଟପିଲା ସୁବର୍ଣ୍ଣରେଖା। ତଳିଆ ଅଞ୍ଚଳ ବନ୍ୟା ସମ୍ଭାବନା ଦେଖାଦେଇଛି । ରାଜଘାଟ ଠାରେ ଦିନ ୧୨ ଟା ସୁଦ୍ଧା ୯.୪୫ ମିଟର ରେ ପ୍ରବାହିତ ହେଉଥିବା ବେଳେ ବିପଦ ସଙ୍କେତ ୧୦.୩୬ ମି ରହିଛି। ଘଣ୍ଟା ପ୍ରତି ଜଳସ୍ତର ପ୍ରାୟ ୫୦ ସେମି ମିଟର ବୃଦ୍ଧି ଘଟୁଛି। ସୁବର୍ଣ୍ଣରେଖା ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା ଦେଖାଦେଇଛି। ନଦୀ ବନ୍ଧ ଜଗିଛି ଜଳସେଚନ ବିଭାଗ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜନ୍ମଦିନର ଶୁଭେଚ୍ଛା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ନୂଆଦିଲ୍ଲୀ:ଆଜି ହେଉଛି ରାଷ୍ଟ୍ରପତିଙ୍କ ଜନ୍ମଦିନ ।ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏନେଇ ସୋସିଆଲ ମିଡିଆ ଏକ୍ସରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ରାଷ୍ଟ୍ରପତିଜୀଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା। ତାଙ୍କର ଜୀବନ ଓ ନେତୃତ୍ୱ ସମଗ୍ର ଦେଶର କୋଟିକୋଟି ଲୋକଙ୍କୁ ଅନୁପ୍ରେରିତ କରୁଛି। ସେ ଯେପରି ଭାବେ ସର୍ବସାଧାରଣଙ୍କ ସେବା, ସାମାଜିକ ନ୍ୟାୟ ଓ ସମାବେଶମୂଳକ ବିକାଶ ପ୍ରତି ଅଟୁଟ ସମର୍ପିତ ରହିଛନ୍ତି, ତାହା ସମସ୍ତଙ୍କ ପାଇଁ ଆଶା ଓ ଶକ୍ତିର ପ୍ରତୀକ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସେ ସର୍ବଦା ଦୁର୍ବଳ ଓ ବଞ୍ଚିତ ଲୋକମାନେ ପାଇଁ କାମ କରିଛନ୍ତି। ଲୋକସେବାରେ ତାଙ୍କର ସୁଦୀର୍ଘ ଓ ସ୍ୱାସ୍ଥ୍ୟମୟ ଜୀବନ ପାଇଁ ଭଗବାନଙ୍କ ନିକଟରେ କାମନା କରୁଛନ୍ତି ପିଏମ ମୋଦି ।

ମୁଖ୍ୟମନ୍ତ୍ରୀ ମୋହନ ମାଝୀ

ଭୁବନେଶ୍ୱର,୨୦।୬ (ମହାଭାରତ) ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ମାଟିର ମାତୃଶକ୍ତିର ପ୍ରତୀକ, ଆମର ଗର୍ବ ଗୌରବ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ଆପଣଙ୍କ ଜୀବନ ସଂଘର୍ଷ, ସମର୍ପଣ ଏବଂ ସଫଳତାର ଏକ ଅସାଧାରଣ ଉଦାହରଣ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏକ ସାଧାରଣ ଆଦିବାସୀ ପରିବାରରୁ ରାଷ୍ଟ୍ରପତି ଭବନ ପର୍ଯ୍ୟନ୍ତ ଆପଣଙ୍କର ଯାତ୍ରା ସମସ୍ତ ଦେଶବାସୀଙ୍କ ପାଇଁ ଅତ୍ୟନ୍ତ ପ୍ରେରଣାଦାୟୀ। ଆପଣଙ୍କ ସରଳତା, କର୍ତ୍ତବ୍ୟ ଏବଂ ଦେଶ ପ୍ରତି ସମର୍ପଣ ଆମ ସମସ୍ତଙ୍କ ପାଇଁ ଆଦର୍ଶ। ଏହି ଶୁଭ ଅବସରରେ, ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘ ଜୀବନ କାମନା କରୁଛି। ଆପଣଙ୍କ ନେତୃତ୍ୱରେ ଭାରତ ନିରନ୍ତର ପ୍ରଗତି ପଥରେ ଆଗେଇ ଚାଲିଥାଉ।

କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୨୦।୬ (ମହାଭାରତ) ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ସସମ୍ମାନୀୟ ରାଷ୍ଟ୍ରପତି ଶ୍ରୀମତି ଦ୍ରୌପଦୀ ମୁର୍ମୁଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭକାମନା । ଆପଣଙ୍କ ଜୀବନ ଆଦିବାସୀ ସମାଜ, ମହିଳା ଓ ବଂଚିତଙ୍କ ସଶକ୍ତିକରଣର ପ୍ରେରକ ଗାଥା ଅଟେ । ଆପଣଙ୍କ ସରଳତା, କର୍ମଠତା ଓ ଦେଶହିତରେ ଦୃଢ ପ୍ରତିବଦ୍ଧତା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ସ୍ରୋତ ଅଟେ । ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ମାଆ ସମଲେଶ୍ୱରୀଙ୍କ ନିକଟରେ ତାଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ଜୀବନ କାମନା କରିଛନ୍ତି ରାଷ୍ଟ୍ରପତି ।

ଉପ ମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଓ ପ୍ରଭାତି ପରିଡା

ଭୁବନେଶ୍ୱର,୨୦।୬(ମହାଭାରତ): ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେଭି ସିଂହଦେଓ କହିଛନ୍ତି ଯେ, ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଜୀଙ୍କୁ ତାଙ୍କ ଜନ୍ମଦିନରେ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା। ଓଡ଼ିଶାର ଗାଁ ରୁ ଗଣତନ୍ତ୍ରର ସର୍ବୋଚ୍ଚ ପଦବୀ ପର୍ଯ୍ୟନ୍ତ ତାଙ୍କର ଅସାଧାରଣ ଯାତ୍ରା ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ପ୍ରେରଣା ଅଟେ। ପ୍ରଭୁ ଜଗନ୍ନାଥ ତାଙ୍କୁ ଦୀର୍ଘାୟୁ ରଖନ୍ତୁ ଏବଂ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କରନ୍ତୁ। ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା । ଏନେଇ ସୋସିଆଲ ମିଡିଆ ଏକ୍ସରେ ପ୍ରଭାତି ପରିଡା କହିଛନ୍ତି ଯେ, ଆମର ଗର୍ବ ଗୌରବ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜଣେ ସାଧାରଣ ପରିବାର ରୁ ଦେଶର ରାଷ୍ଟ୍ରପତି ହେବାର ଆପଣଙ୍କର ଯାତ୍ରା ସଭିଙ୍କ ପାଇଁ ପ୍ରେରଣାର ଉତ୍ସ। ମହାପ୍ରଭୁଙ୍କ ନିକଟରେ ଆପଣଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘ ଜୀବନ କାମନା କରୁଛି।

ରାଜ୍ୟରେ ଝାଡାବାନ୍ତି ସଂକ୍ରମଣ କମୁଛି

ଭୁବନେଶ୍ୱର, ୨୦/୦୬ (ମହାଭାରତ): ବିଭିନ୍ନ ବିଭାଗ ମାନଙ୍କର କ୍ଷେତ୍ର ସ୍ତରରେ ସମନ୍ୱିତ ଏବଂ ଏକାଭିମୁଖୀ କାର୍ଯ୍ୟକ୍ରମ ଯୋଗୁ ରାଜ୍ୟରେ ଡାଇରିଅ। ସ୍ଥିତିରେ ସୁଧାର ଅ।ସିଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ. ଙ୍କ ସମୀକ୍ଷାରୁ ଏହା ଜଣାପଡ଼ିଛି। ସମୀକ୍ଷାରେ ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ଜଣାଇଥିଲେ ଯେ ଯାଜପୁର ଜିଲ୍ଲାରେ ଚଳିତ ମାସ ୧୦ ତାରିଖ ଦିନ ଦେଖା ଦେଇଥିବା ଡାଇରିଅ। ସ୍ଥିତିରେ ସକାରାତ୍ମକ ପରିବର୍ତ୍ତନ ଅ।ସିଛି। ଗତ ୭ ଦିନ ମଧ୍ୟରେ ବିଭିନ୍ନ ଡାକ୍ତରଖାନାମାନଙ୍କରେ ସଂକ୍ରମିତ ଡାଇରିଅ। ରୋଗୀଙ୍କ ଅ।ଡ଼ମିଶନରେ କ୍ରମାଗତ ହ୍ରାସ ପରିଲକ୍ଷିତ ହୋଇଛି। ଜୁନ୍ ୧୦ ତାରିଖ ଦିନ ୧୨୬ ଜଣ ଅ।କ୍ରାନ୍ତ ହୋଇଥିଲେ। ଜୁନ୍ ୧୧ ତାରିଖ ଦିନ ଦାନଗଦି, କୋରେଇ, ଧର୍ମଶାଳା ଓ ବ୍ୟାସ ନଗର ପୌରାଞ୍ଚଳ ଅ।ଦି ଅଞ୍ଚଳରୁ ୧୫୦ ଜଣ ଅ।କ୍ରାନ୍ତ ବିଭିନ୍ନ ଡାକ୍ତରଖାନାରେ ଅ।ଡ଼ମିଶନ ହୋଇଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ, ଗୃହ ଓ ନଗର ଉନ୍ନୟନ, ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ ଶକ୍ତି ବିଭାଗ ମାନଙ୍କରେ ତ୍ୱରିତ ଏବଂ ସମନ୍ୱିତ କାର୍ଯ୍ୟକ୍ରମ ଯୋଗୁ ୧୨ ତାରିଖ ଠାରୁ ସଂକ୍ରମିତ ସଂଖ୍ୟା କମିବା ଅ।ରମ୍ଭ ହୋଇଥିଲା। ୧୨ ତାରିଖ ଦିନ ୧୩୫ ଜଣ ସଂକ୍ରମିତ ବିଭିନ୍ନ ହସ୍ପିଟାଲରେ ଅ।ଡ଼ମିଶନ ହୋଇଥିଲେ ଯାହାକି ୧୫ ତାରିଖ ବେଳକୁ ୧୨୧ କୁ ଏବଂ ୧୮ ତାରିଖ ବେଳକୁ ୯୧ କୁ କମିଥିଲା। ସୁକିନ୍ଦା ଏବଂ ବଡ଼ଚଣାର କେତେକ ଜାଗାରେ କାଁ ଭାଁ ବିକ୍ଷିପ୍ତ ଭାବେ କିଛି ବ୍ୟକ୍ତିଙ୍କ ସଂକ୍ରମଣ ଜଣାପଡିବା ମାତ୍ରେ ଅ।ଶୁ ସେବା ଦଳ (ରାପିଡ୍ ରେସପନସ୍ ଟିମ୍) ସଂପୃକ୍ତ ସ୍ଥାନରେ ପହଞ୍ଚି ସ୍ଥାନୀୟ ହସ୍ପିଟାଲରେ ସେମାନଙ୍କର ଚିକିତ୍ସା ବ୍ୟବସ୍ଥା କରିଥିଲେ। ଗତ କାଲି (୧୯ ତାରିଖ) ବିଭିନ୍ନ ହସ୍ପିଟାଲମାନଙ୍କରେ ୭୧ ଜଣ ନୂଆ। ସଂକ୍ରମିତ ଅ।ଡ଼ମିଶନ ହୋଇଥିଲେ। ଗତ କାଲି ରାତି ସୁଦ୍ଧା ଜିଲ୍ଲାରୁ ସମୁଦାୟ (୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ) ୧୧୬୭ ସଂକ୍ରମିତ ବିଭିନ୍ନ ହସ୍ପିଟାଲରେ ଅ।ଡ଼ମିଶନ ହୋଇଥଲେ। ସେମାନଙ୍କ ମଧ୍ୟରୁ ୧୦୪୫ ଜଣ ଅ।ରୋଗ୍ୟ ଲାଭ କରି ଘରକୁ ଫେରି ଥିଲେ ଏବଂ ୮୨ ଜଣ ଚିକିତ୍ସାଧୀନ ଥିଲେ।

ସେହିପରି କେନ୍ଦୁଝର ଜିଲ୍ଲାରେ ମଧ୍ୟ ଅନୁରୂପ ଡାଇରିଅ। ସଂକ୍ରମଣ ହ୍ରାସ ପରିଲକ୍ଷିତ ହୋଇଛି। ଜୁନ ୧୦ ତାରିଖରେ ୭୯ ଜଣ ସଂକ୍ରମିତ ବିଭିନ୍ନ ହସ୍ପିଟାଲରେ ଅ।ଡ଼ମିଶନ ହୋଇଥିଲେ ଯାହାକି ଜୁନ ୧୨ ରେ ୪୪, ଏବଂ ୧୮ ବେଳକୁ ୩୮ କୁ ହ୍ରାସ ପାଇଥିଲା । ୧୯ ତାରିଖ ରାତି ସୁଦ୍ଧା ୧୭ ଜଣ ନୂଆ। ସଂକ୍ରମିତ ଅ।ଡ଼ମିଶନ ହୋଇଥିଲେ। ଗତକାଲି ରାତି ସୁଦ୍ଧା କେନ୍ଦୁଝର ଜିଲ୍ଲାରୁ ସମୁଦାୟ (୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ) ୪୯୭ ଜଣ ସଂକ୍ରମିତ ବିଭିନ୍ନ ହସ୍ପିଟାଲରେ ଅ।ଡ଼ମିଶନ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୪୫୪ ଜଣ ଅ।ରୋଗ୍ୟ ଲାଭ ପରେ ହସ୍ପିଟାଲରୁ ଡିସଚାର୍ଜ ହୋଇଥିଲେ, ଏବଂ ୩୪ ଜଣ ସଂକ୍ରମିତ ଚିକିତ୍ସାଧୀନ ଥିଲେ।

ଯୋଗର ଆବଶ୍ୟକତା

ଆଜିର କେହି ବି ଯୁବକକୁ ଯୋଗକୁ ଆଗ୍ରହର ସହିତ ଗ୍ରହଣ କରିବାକୁ ପ୍ରୋତ୍ସାହିତ କଲେ ସେ ବୋଧହୁଏ ପ୍ରଶ୍ନ କରିବ, 'ଯୋଗ ମୋ ପାଇଁ କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ ?' ଅତଏବ ଏହି ପ୍ରଶ୍ନର ଉତ୍ତର ଦେବା ପୂର୍ବରୁ ପ୍ରଥମେ ଆମକୁ ନିଜେ ବିଜ୍ଞତାର ସହ ଏହାର ସଠିକ ଉତ୍ତର ଜାଣିନେବା ଆବଶ୍ୟକ। ବର୍ତ୍ତମାନ, ଏକ ଦଶନ୍ଧି ଧରି, ପ୍ରତିବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ, ଭାରତ ଆମ ଜୀବନରେ ଯୋଗର ଅନନ୍ତ ମହତ୍ତ୍ୱକୁ ପାଳନ କରିବାରେ ବିଶ୍ୱର ଅନ୍ୟ ଦେଶଗୁଡ଼ିକୁ ନେତୃତ୍ୱ ଦେଇ ଆସିଛି। ତଥାପି, ଆମ ମଧ୍ୟରୁ କେତେକ ହୃଦୟଙ୍ଗମ କରନ୍ତି ଯେ, ଯୋଗର ପ୍ରକୃତ ଅର୍ଥ ଏହାର ଆନ୍ତରିକ, ଗଭୀର ବ୍ୟକ୍ତିଗତ ପ୍ରକାଶନରେ ନିହିତ। ଈଶ୍ୱରଙ୍କ ସହିତ ଏକତା ପାଇଁ ଦିବ୍ୟ ଅନ୍ୱେଷଣ, ଯାହା ଉପରେ ବିଶ୍ୱର ସମସ୍ତ ଧର୍ମ ଗୁରୁତ୍ୱ ଦିଅନ୍ତି, ତାହା ଯୋଗ-ଧ୍ୟାନର ବୈଜ୍ଞାନିକ ପଦ୍ଧତି ଗୁଡିକର ନିୟମିତ ଅଭ୍ୟାସ ଦ୍ୱାରା ପ୍ରୋତ୍ସାହିତ ଏବଂ ପରିଶେଷରେ ସମ୍ଭବ ହୋଇପାରିଛି। କ୍ରିୟାଯୋଗ ହେଉଛି ଆଧ୍ୟାତ୍ମିକ ଅଭ୍ୟାସର ସେହି ପଦ୍ଧତି, ଯାହା ଜଣେ ସତ୍‌ଚୋଟ ଯୋଗୀ ସାଧକକୁ ଜୀବନର ସର୍ବୋଚ୍ଚ ଲକ୍ଷ୍ୟ ହାସଲ କରିବାରେ ସକ୍ଷମ କରିଥାଏ। ଭଗବାନ ଶ୍ରୀକୃଷ୍ଣ ତାଙ୍କ ଶିଷ୍ୟ ଅର୍ଜୁନଙ୍କୁ ଶୁଣାଇଥିବା ସ୍ୱର୍ଗୀୟ କାବ୍ୟ, ଭଗବଦ୍ ଗୀତାରେ କ୍ରିୟାଯୋଗର ଦୁଇଥର ଉଲ୍ଲେଖ କରାଯାଇଛି। ଏବଂ ଏହି ଗୁରୁତ୍ୱପୂର୍ଣ୍ଣ, ସିଦ୍ଧାନ୍ତମୂଳକ ବିଜ୍ଞାନକୁ, ଯାହାକୁ ମାନବ ଶତାବ୍ଦୀ ଶତାବ୍ଦୀ ଧରି ପାସୋରି ଦେଇଥିଲା, ତାକୁ ଊନବିଂଶ ଶତାବ୍ଦୀରେ, ମହାନ ଗୁରୁ ଲାହିରୀ ମହାଶୟଙ୍କ ଦ୍ୱାରା, ତାଙ୍କ ଅମର ଗୁରୁ ମହାବତାର ବାବାଜୀଙ୍କ ଆଶୀର୍ବାଦ ଫଳରେ ପୁନଃ ଆବିଷ୍କାର କରାଯାଇଥିଲା। କ୍ରିୟାଯୋଗର ଗଭୀର ଜ୍ଞାନ ପରବର୍ତ୍ତୀ ସମୟରେ ଶ୍ରୀ ଶ୍ରୀ ପରମହଂସ ଯୋଗାନନ୍ଦଙ୍କୁ ତାଙ୍କ ଗୁରୁ ଏବଂ ଲାହିଡ଼ି ମହାଶୟଙ୍କ ଶିଷ୍ୟ ସ୍ୱାମୀ ଶ୍ରୀ ଯୁକ୍ତେଶ୍ୱର ଗିରି ପ୍ରଦାନ କରିଥିଲେ। ଯୋଗାନନ୍ଦଜୀ କ୍ରିୟାଯୋଗର ବିଶ୍ୱସ୍ତରୀୟ ଦୂତ ହେବାର ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ସେ ପଶ୍ଚିମ ଦେଶ ମାନଙ୍କରେଏହାର ଉପକାରିତାକୁ ବିଷୟରେ ବହୁଳ ଭାବରେ ପ୍ରଚାର ଏବଂ ପ୍ରସାରକରିଥିଲେ। ଆଜି, ବିଶ୍ୱବ୍ୟାପୀ ତାଙ୍କର ଲକ୍ଷ ଲକ୍ଷ ଅନୁଗାମୀ, ଯୋଗ ଧ୍ୟାନର ବୈଜ୍ଞାନିକ ପଦ୍ଧତି ଅଭ୍ୟାସ କରନ୍ତି ଯାହା କ୍ରିୟାଯୋଗ ପଥର ଏକ ସହଜାତ ଅଂଶ। ଯୋଗାନନ୍ଦଜୀ ତାଙ୍କର ବିଶ୍ୱସ୍ତରୀୟ ପ୍ରଶଂସିତ ଆତ୍ମଜୀବନୀ ଯୋଗୀର ଆତ୍ମଚରିତରେ ଏତେ ପ୍ରେରଣାଦାୟକ ଭାବରେ ଉଲ୍ଲେଖ କରିଛନ୍ତ, 'ମାୟା କିମ୍ବା ପ୍ରକୃତିର ସ୍ୱାଭାବିକ ନିୟମ ଅଧୀନରେ ଥିବା ପୁରୁଷମାନଙ୍କ ମଧ୍ୟରେ, ଜୀବନ ଶକ୍ତିର ପ୍ରବାହ ବାହ୍ୟ ଜଗତ ଆଡ଼କୁ ଥାଏ; ଏହି ସ୍‌ରୋତ ଇନ୍ଦ୍ରିୟ ଗୁଡିକରେ ନଷ୍ଟ ଏବଂ ଅପବ୍ୟବହୃତ ହୁଏ । କ୍ରିୟାର ଅଭ୍ୟାସ ଏହି ପ୍ରବାହକୁ ବିପରୀତଗାମୀ କରାଏ; ପ୍ରାଣ ଶକ୍ତି ମାନସିକ ରୂପେ ଆଭ୍ୟନ୍ତରୀଣ ବ୍ରହ୍ମାଣ୍ଡକୁ ନିର୍ଦ୍ଦେଶିତ ହୁଏ ଏବଂ ସୂକ୍ଷ୍ମ ମେରୁଦଣ୍ଡୀୟ ଶକ୍ତି ସହିତ ପୁନଃମିଳିତ ହୁଏ। ପ୍ରାଣ ଶକ୍ତିର ଏପରି ସୁଦୃଢ଼ୀକରଣ ଦ୍ୱାରା, ଯୋଗୀର ଶରୀର ଏବଂ ମସ୍ତିଷ୍କର କୋଷଗୁଡ଼ିକ ଏକ ଆଧ୍ୟାତ୍ମିକ ସୁଧା ଦ୍ୱାରା ନବୀକୃତ ହୁଅନ୍ତି ।' ଯୋଗୀର ଆତ୍ମଚରିତର ପୃଷ୍ଠାରୁ, ଆମେ ଆହୁରି ଜାଣିବାକୁ ପାଉ ଯେ କ୍ରିୟାଯୋଗର ନିୟମିତ ଅଭ୍ୟାସ, ଜଣେ ନିଷ୍ଠାବାନ ସାଧକର ରକ୍ତକୁ ଅମ୍ଳଜାନରେ ପୁନଃଚାର୍ଜ କରି ଅଙ୍ଗାରକାମ୍ଳ ରହିତ କରିବାରେ ସକ୍ଷମ କରିଥାଏ। ଏହିପରି, ମସ୍ତିଷ୍କ ଏବଂ ମେରୁଦଣ୍ଡ ଏହି ଅତିରିକ୍ତ ଅମ୍ଳଜାନ ଦ୍ୱାରା ପୁନର୍ଜୀବିତ ହୁଏ ଏବଂ ମାଂସପେଶୀର କ୍ଷୟକୁ ରୋକାଯାଏ। କ୍ରିୟାଯୋଗର ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ ଉପକାରିତାକୁ ଏଥିରୁ ଅଧିକ ଗୁରୁତ୍ୱ କଅଣ ଦିଆଯାଇପାରେ! ଏହା ଏକ ଜୀବନ-ବର୍ଦ୍ଧକ କୌଶଳ ଯାହା ଜଣେ ନିଷ୍ଠାବାନ ସାଧକଉ ଜୀବନକୁ ନିଃଶନ୍ଦେହ ଉନ୍ନତ କରିଥାଏ । କ୍ରିୟାଯୋଗର ସୁଗମତା ସାର୍ବଜନୀନ ଏବଂ ସମସ୍ତ ମାନବ ଏହାର ଅଭ୍ୟାସ ମାଧ୍ୟମରେ ଜୀବନର ସାଧାରଣ ଦିନଚର୍ଯ୍ୟାକୁ ଉନ୍ନତ କରି ଆଧ୍ୟାତ୍ମିକ ଉଚ୍ଚତା ଏବଂ ଗଭୀରତାକୁ ଆରୋହଣ କରିପାରିବ। ୧୯୧୭ ମସିହାରେ, ପରମହଂସ ଯୋଗାନନ୍ଦଙ୍କ ଦ୍ୱାରା ପ୍ରତିଷ୍ଠିତ ଯୋଗୋଦ ସତସଙ୍ଗ ସୋସାଇଟି ଅଫ୍ ଇଣ୍ଡିଆ (ଣଝଝ), ହେଉଛି ଏକ ସଂଗଠନ ଯାହା ଯୋଗାନନ୍ଦଜୀଙ୍କ ପବିତ୍ର କ୍ରିୟାଯୋଗ ଶିକ୍ଷାକୁ ଭାରତ, ନେପାଳ ଏବଂ ଶ୍ରୀଲଙ୍କାର ସାଧକମାନଙ୍କ ନିକଟରେ ପ୍ରସାରିତ କରେ। ଯୋଗାନନ୍ଦଜୀଙ୍କ ଦ୍ୱାରା ଠିକ୍ ଶହେ ବର୍ଷ ପୂର୍ବରୁ ୧୯୨୫ ମସିହାରେ ପ୍ରତିଷ୍ଠିତ ହୋଇଥିବା ସେଲ୍ଫ ରିଅଲାଇଜେସନ ଫେଲୋସିପ୍ (ଝଜର) ହେଉଛି ଣଝଝ ର ସହଯୋଗୀ ସଂଗଠନ, ଯାହା ଲସ୍ ଏଞ୍ଜେଲସରେ ଅବସ୍ଥିତ ଏହାର ମୁଖ୍ୟାଳୟ ମାଧ୍ୟମରେ, ବିଶ୍ୱବ୍ୟାପୀ ସେହି ପ୍ରକାର ଭୂମିକା ଗ୍ରହଣ କରେ । ବର୍ଷ ବର୍ଷ ଧରି, ଲକ୍ଷ ଲକ୍ଷ ଭକ୍ତ ଏହି ଶିକ୍ଷାରୁ ଉପକୃତ ହୋଇଛନ୍ତି। ଆପଣ ଏବଂ ମୋ ଭଳି ଏହି ବିଶ୍ୱର ସାଧାରଣ ଲୋକଙ୍କ ପାଇଁ, ଯୋଗର ଜୀବନ ଚରିତାର୍ଥକାରୀ ପ୍ରଭାବ କେବଳ ସେତେବେଳେ ଅନୁଭବ ହେବ ଯେତେବେଳେ ଆମେ କ୍ରିୟା ଯୋଗ ଭଳି ଏକ ବୈଜ୍ଞାନିକ ପଦ୍ଧତିର ଅଭ୍ୟାସକୁ ଗମ୍ଭିରତା ଏବଂ ନିଷ୍ଠାର ସହିତ ଗ୍ରହଣ କରିବା। ତେବେ ଯାଇଁ, ଆମ ପ୍ରତ୍ୟେକଙ୍କ ପାଇଁ ଏହା ଅନ୍ତର୍ଜାତୀୟ ଯୋଗ ଦିବସର ପ୍ରକୃତ ମହତ୍ତ୍ୱ ହେବ !

ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ

ହୃଷିକେଶ ପୁହାଣ

ଆଜିର ସମୟରେ ଆମ ଶରୀର ପାଇଁ ଯୋଗାଭ୍ୟାସ ବେଶ ଗୁରୁତ୍ୱପୂର୍ଣ୍ଣ। ଏହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ନିରୋଗ ରହିବାରେ ସାହାଯ୍ୟ କରେ। ଭାରତ ହେଉଛି ଯୋଗର ଉତ୍ପତ୍ତିସ୍ଥଳ। ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ଆରମ୍ଭ ହୋଇଛି ସମଗ୍ର ବିଶ୍ୱରେ, ବିଶ୍ୱ ଯୋଗ ଦିବସ ଯାହାକୁ ମିଳିତ ଜାତିସଂଘ ମଧ୍ୟ ସମ୍ମାନପୂର୍ବକ ଗ୍ରହଣ କରି ଏହାକୁ ବିଶ୍ୱବ୍ୟାପୀ କରିପାରିଛି। ପ୍ରତିବର୍ଷ ପରି ଚଳିତ ବର୍ଷର ଯୋଗ ଦିବସର ବାର୍ତ୍ତା ରହିଛି 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ'। ଆମର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାର୍ଗଦର୍ଶନ କରି କହିଛନ୍ତି ଯେ 'କେବଳ ବ୍ୟକ୍ତିଗତ କଲ୍ୟାଣ ଉପରେ ନୁହେଁ ବରଂ ମାନବ ଜାତି ମଧ୍ୟରେ ଏକତା, ପରିବେଶଗତ ସମନ୍ୱୟ ଓ ବିଶ୍ୱ କଲ୍ୟାଣ ଉପରେ ଯୋଗ ହେଉଛି ଏକ ସାଂସ୍କୃତିକ ଐତିହ୍ୟର ଅନ୍ୟତମ ଅବିଚ୍ଛେଦ୍ୟ ଅଙ୍ଗ।' ପୂର୍ବେ ଆଜୀବନ ସୁସ୍ଥ ରହିବା ପାଇଁ ଭାରତୀୟମାନେ ନିୟମିତ ଯୋଗାଭ୍ୟାସ ଓ ଧ୍ୟାନ ଆଦି କରୁଥିଲେ। କିନ୍ତୁ ପାଶ୍ଚାତ୍ୟ ପ୍ରଭାବିତ ଆଧୁନିକ ଜୀବନଶୈଳୀରେ ଏହା ସତ୍ତା ହରାଇଥିଲା। ହେଲେ ଆଜିକାଲିର ଚାପଗ୍ରସ୍ତ ଜୀବନରେ ପୁଣି ଏହାର ଆବଶ୍ୟକତା ପୁରା ବିଶ୍ୱ ଉପଲବ୍ଧି କଲାଣି। ଏବେ ଭାରତୀୟ ଯୋଗଶୈଳୀ ସହ ପାଶ୍ଚାତ୍ୟ ଚିନ୍ତାଧାରା ସମ୍ମିଶ୍ରିତ ଯୋଗଶୈଳୀ ଲୋକପ୍ରିୟ ହେଉଛି। ସେହିଭଳି କିଛି ଅଭିନବ, କୌତୁକିଆ ଓ ଅଜବ ଯୋଗଶୈଳୀ ସଂପର୍କରେ କିଛି କଥା ଲେଖୁଛୁ।

ଆଜିର ଯୁବପିଢ଼ି ଯୋଗର ନୂଆ ଦିଗକୁ ପସନ୍ଦ କରୁଛନ୍ତି। ଡୋଗା ଓ ଗୋଟା ପରି ଅନେକ ନୂତନ ଶୈଳୀର ଯୋଗ ଏବେ ପ୍ରଚଳିତ ହେଉଛି। ଆମର ଦଉଡି ଯୋଗ, ଚକ ଯୋଗ, ବାଡ଼ି ଯୋଗ, ଚଉକି ଯୋଗ ବେଶ ଲୋକପ୍ରିୟ। ତେବେ ପାରମ୍ପରିକ ଆସନ ଅପେକ୍ଷା ବିଦେଶରୁ ଆସୁଥିବା ନୂଆ ନୂଆ ଆସନ ଆଜିର ଟ୍ରେଣ୍ଡ ପାଲଟିଗଲାଣି। ଯୋଗର ପରିବର୍ତ୍ତିତ ତଥା ଆଧୁନିକ ରୂପକୁ ଆଜିର ଯୁବପିଢ଼ି ବେଶ ପସନ୍ଦ କରୁଛନ୍ତି। ବାଡ଼ି ଯୋଗରେ ବାଡ଼କୁ ଦୁଇବାହୁରେ ଧରି ଆସନ କରାଯାଉଥିବାରୁ ବାହୁ ମାଂସପେଶୀ ଦୃଢ ହୋଇଥାଏ। ସେହିପରି ଚକ ବା ହ୍ୱିଲ ଯୋଗରେ ଚକ ଉପରେ ପିଠି ମାରି ଶୋଇ, ଗୋଡ଼କୁ ସିଧା ରଖାଯାଏ ଓ ହାତକୁ ତଳକୁ ଖୋଲି କରି ରଖାଯାଏ। ନିଃଶ୍ୱାସ ନେଇ ଆଗକୁ ପିଠିରେ ଠେଲିବା ଓ ନିଃଶ୍ୱାସ ଛାଡ଼ି ପୁଣି ପଛକୁ ଫେରିବାକୁ ହୁଏ। ଏଥିରେ ଅଣ୍ଟା ସମସ୍ୟା ଦୂର ହୋଇଥାଏ। ଏହିପରି ବହୁତ ଯୋଗ ଅଛି ଯାହା ଆଜିର ଜୀବନଶୈଳୀ ସମସ୍ୟାର ପ୍ରତିକାର କରୁଛି।

ଏରିଏଲ ଯୋଗ ଟି ହେଉଛି ଏବେ ଚଟାଣ ପରିବର୍ତ୍ତେ ଘରର ସିଲିଂ ହୁକରୁ ବନ୍ଧା ଯାଇଥିବା ବେଲ୍ଟ କିମ୍ବା ଦୋଳିରେ ଝୁଲି ଅଭିନବ ଶୈଳୀର ଯୋଗଭ୍ୟାସ କରାଯାଉଛି। ପାରମ୍ପରିକ ଯୋଗମୁଦ୍ରା ସହ ଏଥିରେ ନୃତ୍ୟର ସମ୍ମିଶ୍ରଣ କରାଯାଇଛି। ଷ୍ଟାର ଇନଭର୍ସନ ପୋଜ, ଆଣ୍ଟି ଗ୍ରାଭିଟି ବାରିୟର ପୋଜ, କ୍ରସ ପୋଜିସନ ଓ ୱାନ୍ ଲେଗଡ଼ କିଙ୍ଗ ପିଜନ୍ ପୋଜ ଆଦି ଏହାର ସ୍ୱାତନ୍ତ୍ର୍ୟ। ଏହି ପ୍ରଣାଳୀରେ ପୁରା ଶରୀରର ଷ୍ଟ୍ରେଚିଂ ଓ ବେଣ୍ଡିଂ ହେଉଥିବାରୁ ମାଂସପେଶୀ ଓ ଆଣ୍ଠୁଗଣ୍ଠି ଶକ୍ତ ହୁଏ। ମେରୁଦଣ୍ଡ ଚାପମୁକ୍ତ ହେବା ସହ ରକ୍ତ ସଂଚାଳନ ବୃଦ୍ଧି ଯୋଗୁ ଶ୍ୱାସକ୍ରିୟା ଓ ହଜମ ଭଲ ହୋଇଥାଏ। ସେହିପରି ଡଗ୍ ଯୋଗ ବା ଡୋଗା ହେଉଛି ଡଗ୍ ଯୋଗ ବା ଡୋଗା କୁହାଯାଉଥିବା ଏହି ଯୋଗ କୁକୁର ସହ ମିଶି କରାଯାଏ। ଏହା ସାଧାରଣତଃ ଦୁଇ ପ୍ରକାରର। ଗୋଟିଏରେ କୁକୁରକୁ ସମ୍ପର୍କ ମଜଭୁତ ହୋଇଥାଏ। ଜନୈକା ଯୋଗ ଶିକ୍ଷୟିତ୍ରୀ ସୁଜି ଟିଟେଲମ୍ୟାନ ଏହାର ପରିକଳ୍ପନା କରିଥିଲେ। ଏହାର ମୁଦ୍ରାଗୁଡ଼ିକ ମଧ୍ୟରେ ଡାଉନୱାର୍ଡ଼ ଡଗ, କ୍ରିସେଣ୍ଟ ଲଙ୍ଗ, ହ୍ୱିଲବାରୋ ପୋଜ ଏବଂ ଫରୱାର୍ଡ଼ ଫୋଲ୍ଡ ଅନ୍ୟତମ। ଗ୍ଲୋ ଫ୍ଲୋ ଯୋଗ ହେଉଛି ଯେଉଁମାନଙ୍କୁ କ୍ଲବ ଯିବାକୁ ଭଲ ଲାଗେ ଏବଂ ତା ସହ ଯୋଗ କରି ଶରୀରକୁ ସୁସ୍ଥ ରହିବାର ଝୁଙ୍କ ଥାଏ ସେମାନେ ଏହି ଯୋଗ କରିପାରିବେ। ଗ୍ଲୋ ଓ ଫ୍ଲୋ ଏକ ମଜାଦାର ପ୍ରକ୍ରିୟା। ଗ୍ଲୋ ଯୋଗ ଏକ ଅନ୍ଧାର କୋଠରିରେ କରାଯାଏ। ଯୋଗ କରୁଥିବା ପୁରୁଷ ଓ ମହିଳା କୌତୁକିଆ ତଥା ଉଜ୍ଜ୍ୱଳ ପରିଚ୍ଛଦ ଓ ଅଳଙ୍କାରରେ ସଜ୍ଜିତ ହୁଅନ୍ତି। ଏହାପରେ ନିୟନ ଆଲୋକରେ ଡିଜେର ତାଳେ ତାଳେ ବିଭିନ୍ନ ମୁଦ୍ରା ଅଭ୍ୟାସ କରନ୍ତି। କ୍ଲବ ପରିବେଶରେ ଯୋଗ ଏହାର ସ୍ୱାତନ୍ତ୍ର୍ୟ। ସେହିପରି ଫ୍ଲୋ ବା ପ୍ରବାହ ଯୋଗରେ ମାନସିକ ଚାପ କମ ହୁଏ। ଏହାର କିଛି ମୁଦ୍ରା ମନ ପାଇଁ ଉତ୍କୃଷ୍ଟ ହୋଇଥିବାବେଳେ ଅନ୍ୟ କେତେକ ଶରୀରକୁ ସୁନ୍ଦର କରିବା ପାଇଁ ଉଦ୍ଦିଷ୍ଟ। ଭନିଆସା ଫ୍ଲୋ ଓଜନ କମାଇବା ପାଇଁ ଅତି ଉତ୍ତମ ବୋଲି କୁହାଯାଏ। ଭାସମାନ ଯୋଗ ହେଉଛି ଭୂମି ନୁହେଁ, ପାଣି ଉପରେ ଏକ ଭାସମାନ ଯୋଗ ଏବେ ଲୋକପ୍ରିୟ ହେଉଛି। ପାଣିରେ ଏକ ପେନାଲ ବୋର୍ଡ଼ ଉପରେ ଏହି ଯୋଗ କରାଯାଏ। ସାଧାରଣ ଭାବେ ହ୍ରଦ ଓ ପୋଖରୀରେ ଏହି ଯୋଗ କରାଯାଉଥିବା ବେଳେ କେହି କେହି ସୁଇମିଂ ପୁଲରେ ବି କରନ୍ତି। ଯୋଗାଭ୍ୟାସ କାଳରେ ନିଜ ଉପରେ ଓ ପେଡ଼ାଲ ବୋର୍ଡ ଉପରେ ନିୟନ୍ତ୍ରଣ ରହିବା ନିହାତି ଜରୁରୀ। ହାୱାଇରୁ ଆରମ୍ଭ ହୋଇଥିବା ଏହି ଯୋଗ ଏକାସଙ୍ଗରେ ଏକାଧିକ ମାଂସପେଶୀକୁ ପ୍ରଭାବିତ କରିଥାଏ। ଅଭ୍ୟାସ ସମୟରେ ବାହୁ, କାନ୍ଧ ଏବଂ ପିଠିର ମାଂସପେଶୀରେ ଚାପ ପଡ଼େ, ଯାହାଦ୍ୱାରା ଏହା ଶକ୍ତ ହୋଇଥାଏ।

ସମ୍ପ୍ରତି ଭାରତର ଶାଶ୍ୱତ ଯୌଗିକ ପଦ୍ଧତିଗୁଡ଼ିକ ବିକଳ୍ପ ଚିକିତ୍ସା ପଦ୍ଧତି ବା ମଡ଼ର୍ଣ୍ଣ ଯୋଗ ରୂପରେ ସମଗ୍ର ପୃଥିବୀରେ ଲୋକପ୍ରିୟ ହେବାରେ ଲାଗିଛି। ଏହି କ୍ରମରେ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଥିବା କେତୋଟି ଚିକିତ୍ସା ପଦ୍ଧତି ହେଉଛି - ଆସନ, ପ୍ରାଣାୟାମ, ଧ୍ୟାନ, ଯୋଗନିଦ୍ରା, ଅତୀନ୍ଦ୍ରିୟ ଶକ୍ତିର ପ୍ରୟୋଗ, ସମ୍ମୋହନ, ଟେଲିପାଥି, ଯଜ୍ଞୀୟ ଚିକିତ୍ସା ପଦ୍ଧତି, ସିଦ୍ଧଚିକିତ୍ସା ପଦ୍ଧତି, ରେକୀ, ପ୍ରାଣିକ ହିଲିଙ୍ଗ, ଆକ୍ୟୁପ୍ରେସର ଇତ୍ୟାଦି। ଏବେ ଆଧୁନିକ ବୈଜ୍ଞାନିକଗଣ ଏହିସବୁ ପଦ୍ଧତିରେ କି ସତ୍ୟତା ରହିଛି ଜାଣିବା ପାଇଁ ନିଜର ଯନ୍ତ୍ରପାତି ଏବଂ ଉପକରଣ ଦ୍ୱାରା ତାହାର ଉପଯୋଗିତା ପରୀକ୍ଷା କରିବାରେ ଲାଗିପଡ଼ିଛନ୍ତି। ସେଥିରୁ ପ୍ରାପ୍ତ ସୁଫଳକୁ ଦେଖି ସେମାନେ ମୁକ୍ତ କଣ୍ଠରେ ସ୍ୱୀକାର କରୁଛନ୍ତି - ଭାରତର ଯୌଗିକ ପଦ୍ଧତି ଦ୍ୱାରା କେବଳ ମାନବର ସ୍ୱାସ୍ଥ୍ୟ ସମସ୍ୟା ନୁହେଁ, ସାମଗ୍ରିକ ସମସ୍ୟା ମଧ୍ୟ ସମାଧାନ ହୋଇପାରିବ। ବହୁ ଆଧୁନିକ ଚିକିତ୍ସାବିଜ୍ଞାନୀ ପରିଣାମରେ ଆଶ୍ଚର୍ଯ୍ୟଚକିତ ହୋଇ ଏବେ ବିଭିନ୍ନ ଅସାଧ୍ୟ ରୋଗ କ୍ଷେତ୍ରରେ ଏହାକୁ ପ୍ରୟୋଗ କରି ଆଶାତୀତ ଫଳ ପାଉଛନ୍ତି। ଏଥିରେ ରୋଗୀକୁ ଯେମିତି ଆରୋଗ୍ୟ ମିଳୁଛି, ସେମିତି ଶାନ୍ତି ଏବଂ ଆନନ୍ଦ ମିଳୁଛି। ଶରୀର ମନର ସନ୍ତୁଳନ, ବ୍ୟକ୍ତିତ୍ୱର ବିକାଶ ଏବଂ ଲକ୍ଷ୍ୟ ହାସଲ ଆଦି ବହୁକଥା ଏହିସବୁ ପ୍ରକ୍ରିୟା ମାଧ୍ୟମରେ ପ୍ରାପ୍ତ ହୋଇପାରୁଛି।

ଥାଇରୋ, ଆଲିକଣ୍ଠା, ବାଲିକୁଦା,
ଜଗତସିଂହପୁର-୭୫୪୧୦୮, ଦୂରଭାଷ :
୭୦୦୮୪୩୮୯୫୯
E-mail :
hrushikeshpuhan5@gmail.com

ପିଲାଙ୍କ ପାଠପଢ଼ାରେ ମା' ବାପାଙ୍କ ଭୂମିକା

ଡକ୍ଟର ସୁରେଶ କୁମାର ନାୟକ

ଆଜିକାଲି ପ୍ରତ୍ୟେକ ଅଭିଭାବକ ସେମାନଙ୍କ ସନ୍ତାନଙ୍କ ଭବିଷ୍ୟତ ନେଇ ଚିନ୍ତିତ । ତେଣୁ ସ୍କୁଲରେ ପିଲାର ପାଠପଢ଼ା ଆରମ୍ଭ ନ ହେଉଣୁ ତାକୁ ଘରୋଇ ଟିଉସନ୍ ପଠାଇବା ସହିତ, କଅଁଳ ବୟସରୁ ସେମାନଙ୍କ ଉପରେ ପାଠପଢ଼ିବା ପାଇଁ ଚାପ ପ୍ରୟୋଗ କରିଥାନ୍ତି । ଯାହାଫଳରେ ସେମାନେ ପାଠ ପ୍ରତି ବିତଶ୍ରଦ୍ଧ ହୋଇ ପଡ଼ନ୍ତି । ତେଣୁ ପାଠକୁ ନେଇ ସେମାନଙ୍କ ଉପରେ ଅଧିକ ଚାପ ପ୍ରୟୋଗ କରିବା ଉଚିତ ନୁହେଁ । ସେମାନଙ୍କ ଉପରେ ବିରକ୍ତ ହେବା ଠିକ୍ ନୁହେଁ । ମାନସିକ ଚାପ ମଧ୍ୟରେ ମଣିଷ କୌଣସି କାମକୁ ସୂଚାରୁ ରୂପେ ପରିଚାଳନା କରିପାରେ ନାହିଁ । ପିଲାମାନେ କିପରି ଚାପ ମଧ୍ୟରେ ପାଠ ପଢ଼ି ପାରିବେ । ଯଦି ପ୍ରଥମରୁ ସେମାନଙ୍କ ପାଠ ପ୍ରତି ଦୃଷ୍ଟି ଦିଆଯାଏ ଓ କେତେକ ଦଗ ପ୍ରତି ଯତ୍ନ ଦିଆଯାଏ ତେବେ ସେମାନଙ୍କୁ ସବୁ ସମୟରେ ବହି ପାଖରେ ବସିବାକୁ ହୁଏ ନାହିଁ ।

ପିଲା ସ୍କୁଲରରେ ପ୍ରତ୍ୟହ କ'ଣ ପଢ଼ିଛି ସଂଧ୍ୟାରେ ଅଭିଭାବକ ତାର ନିକଟରେ ବସି ତାଠୁଁ ବୁଝିବା ଦରକାର । ସଂଧ୍ୟାରେ ଦେଢ଼ରୁ ଦୁଇ ଘଣ୍ଟା ପିଲାକୁ ପଢ଼ିବାକୁ ବସାଇବା ଦରକାର । ପ୍ରତ୍ୟେହ ଯାହା ସ୍କୁଲରେ ପଢ଼ା ହୋଇଛି ଘରେ ତାହାର ପୁନଃ ଆଲୋଚନା ବା ଅଧ୍ୟୟନ ପରେ ସେ ଏହାକୁ ସହଜରେ ମନେରଖି ପାରିବ । ଯଦି ସ୍କୁଲରେ କୌଣସି ସନ୍ଦେହ ଥିବ ଘରେ ତାହା ଦୂର ହୋଇପାରିବ । ଯଦି ଅଭିଭାବକ ପଢ଼ାଇ ପାରନ୍ତି ନାହିଁ ତାହାକୁ ପୁନଃ ସ୍କୁଲ ଶିକ୍ଷକଙ୍କୁ ପଚାରିବାକୁ ବୁଝାଇବା ଉଚିତ । କୌଣସି ବିଷୟକୁ ଘୋଷିବା ଅପେକ୍ଷା ଏହାକୁ ପିଲା ବୁଝିପାରିଲେ ତାହା ତାର ମସ୍ତିଷ୍କରେ ଘର କରି ରହିଯାଏ । ପରୀକ୍ଷାକୁ ଶିଶୁର ବୌଦ୍ଧିକ ବିକାଶର ମାନଦଣ୍ଡ ବୋଲି ଭାବିବା ଅନୁଚିତ ଏବଂ ଏଥିପାଇଁ ତାର ଉପରେ ଚାପ ପ୍ରୟୋଗ କରିବା ଅନୁଚିତ । ଏହାଦ୍ୱାରା ସେ ଆପଣଙ୍କ ଆଶାପୂରଣ କରିବାକୁ ଯାଇ ବହୁ କ୍ଷତିଗ୍ରସ୍ତ ହେବ । ପିଲା ଗୋଟିଏ ବିଷୟ ପଢ଼ି ସଂଗେ ସଂଗେ ତାର ଉତ୍ତର ଦେଇଥାଏ । କିନ୍ତୁ କିଛି ଦିନ ପରେ ସେ ସବୁ ପାଶୋରି ଯାଇଥାଏ । ତେଣୁ ଯେଉଁ ପାଠ ଆଜି ପଢ଼ିବ ତାର କିଛିଦିନ ପରେ ତା ଉପରେ ପ୍ରଶ୍ନ କରିପାରନ୍ତି । ଏପରି ହେବା ଦ୍ୱାରା ସେହି ବିଷୟ ପୁଣି ତା ମନକୁ ଆସେ ଓ ସେ ସମ୍ପୂର୍ଣ୍ଣ ଭାବେ ମନେ ରଖିପାରେ । ପରୀକ୍ଷା ପ୍ରସ୍ତୁତି ସମୟରେ ସବୁଦିନ ପିଲାମାନଙ୍କ ପାଇଁ କୌଣସି ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନିର୍ଦ୍ଧାରଣ କରିବା ଦରକାର । ପ୍ରତିଦିନ ପାଇଁ ରୁଟିନ ପ୍ରସ୍ତୁତ କରିବା ଦରକାର । ପିଲା ଏହାକୁ କେତେ ଦୂର ପୂରଣ କରୁଛି ତାହା ଉପରେ ମଧ୍ୟ ଲକ୍ଷ୍ୟ ରଖିବା ଦରକାର ।ଅନେକ ପିଲା ଦଳଗତ ଭାବେ ପଢ଼ିବାକୁ ପସନ୍ଦ କରିଥାନ୍ତି । ଏହାଦ୍ୱାରା ସେମାନଙ୍କ ମଧ୍ୟରେ ସେହି ବିଷୟକୁ ନେଇ ଆଲୋଚନା ହୁଏ । ଯାହା ସେମାନଙ୍କୁ ବୁଝିବାକୁ ସହଜ ହୁଏ ।

ତେବେ ଦଳଗତ ପଢ଼ିବା ସମୟରେ ଅଭିଭାବକଙ୍କୁ ଦେଖିବା ଦରକାର ସେମାନଙ୍କ ପିଲାର ପାଠସାଥୀର ଜ୍ଞାନ କେତେ । ଯଦି ସେ ମେଧାବୀ ହୋଇନଥିବ ତେବେ ଆପଣଙ୍କ ପିଲାର ସ୍ତର କମିଯାଇପାରେ । ପଢ଼ିବା ସମୟରେ ପ

ଯାଜପୁରରେ ଡାଇରିଆ ନିୟନ୍ତ୍ରଣରେ ଟାଟା ଷ୍ଟିଲ ଫାଉଣ୍ଡେସନ୍ ସକ୍ରିୟ ଯୋଗଦାନ

କଳିଙ୍ଗନଗର, (ମହାଭାରତ) : ଯାଜପୁର ଜିଲ୍ଲାର ଦାନଗଦି ବ୍ଲକରେ ଡାଇରିଆ ରୋଗ ବ୍ୟାପିବା ପରେ ଟାଟା ଷ୍ଟିଲ ଫାଉଣ୍ଡେସନ୍ (ଟିଏସଏଫ) ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ସହ ମିଶି ତ୍ୱରିତ ପଦକ୍ଷେପ ନେଇଛି। ଜୁନ ମାସର ଦ୍ୱିତୀୟ ସପ୍ତାହରେ ଆରମ୍ଭ ହୋଇଥିବା ଏହି ରୋଗ ପ୍ରତିରୋଧ ପାଇଁ ସଂସ୍ଥା ପକ୍ଷରୁ ଆମ୍ବୁଲାନ୍ସ ସେବା, ଔଷଧ ବଣ୍ଟନ ଓ ସଚେତନତା ଅଭିଯାନକୁ ସକ୍ରିୟ ଭାବେ ହାତକୁ ନିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ସହ ଯୋଗାଯୋଗ କରି ଟିଏସଏଫ ପ୍ରଭାବିତ ଅଞ୍ଚଳରୁ ରୋଗୀମାନଙ୍କୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି) ଓ ଯାଜପୁର ଜିଲ୍ଲା ଡାକ୍ତରଖାନାକୁ ନେବା ପାଇଁ ଆମ୍ବୁଲାନ୍ସ ସୁବିଧା ଯୋଗାଇ ଦେଇଛି। ଏଥିସହ ସରକାରୀ ମେଡିକାଲ ଟିମକୁ ଔଷଧ ସହିତ ପ୍ରଭାବିତ ଗ୍ରାମମାନଙ୍କରେ ପହଞ୍ଚାଇବା ପାଇଁ ଅତିରିକ୍ତ ଯାନବାହନର ବ୍ୟବସ୍ଥା କରିଛି। ଏହା ବ୍ୟତୀତ, ଟିଏସଏଫ ଏକ ଅନ୍ୟ ଯାନ ଯୋଗାଇ ଦେଇଛି, ଯାହାକି ସରକାରୀ ଡାକ୍ତରୀ ଦଳ, ଔଷଧ ଏବଂ ଅନ୍ୟାନ୍ୟ ଜରୁରୀ ସାମଗ୍ରୀକୁ ପ୍ରଭାବିତ ଅଞ୍ଚଳକୁ ପଠାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏଥିସହ, ଟିଏସଏଫ ନିୟମିତ ଭାବେ ସ୍ଥାନୀୟ ଲୋକମାନଙ୍କ ପାଇଁ ସ୍ୱାସ୍ଥ୍ୟ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମମାନ ଆୟୋଜନ କରୁଛି। ଏହି କାର୍ଯ୍ୟକ୍ରମଗୁଡ଼ିକ ମୁଖ୍ୟତଃ ଡାଇରିଆ ଏବଂ କଲେରା ପ୍ରତିରୋଧ ଏବଂ ନିୟନ୍ତ୍ରଣ ଉପରେ ଧ୍ୟାନ ଦେଇ ଆୟୋଜିତ ହେଉଛି, ଯାହାଦ୍ୱାରା ସ୍ଥାନୀୟ ଲୋକଙ୍କୁ ସଚେତନ କରିବାରେ ସହାୟକ ହେଉଛି । ଏହି ସଚେତନତା ଉପକ୍ରମଗୁଡ଼ିକ ଟିଏସଏଫ କର୍ମଚାରୀ, ସ୍ୱେଚ୍ଛାସେବୀଙ୍କ ପ୍ରୟାସରେ ଆୟୋଜିତ ହେଉଥିବା ବେଳେ ରିଷ୍ଟା ଏବଂ ପୋଷଣ ପ୍ରୋଜେକ୍ଟର ମଧ୍ୟ ଏଥିରେ ସକ୍ରିୟ ଯୋଗଦାନ ରହିଛି।

ପିପିଏଲର ଛଟେଇ ପ୍ରତିବାଦରେ ଏଡ଼ିଏମଙ୍କ ଅଫିସ ଆଗରେ ଶ୍ରମିକଙ୍କ ଧାରଣା

ପାରାଦୀପ, (ମହାଭାରତ) : ପାରାଦୀପ ଫଫେଟ୍ସ ଲିମିଟେଡ଼ (ପିପିଏଲ) ରେ ଆଜକୁ ୮ ବର୍ଷରୁ ଉର୍ଦ୍ଧ୍ୱ ହେବ କେମିକାଲ ବିଭାଗରେ କାମ କରୁଥିବା ୧୯ ଜଣ ସ୍ଥାନୀୟ ଶ୍ରମିକ ଙ୍କୁ ପ୍ରାୟ ତିନିମାସ ହେବ କାର୍ଯ୍ୟରୁ ଅନ୍ତର କରାଯାଇଛି । ଶ୍ରମିକ ମାନେ ବାରମ୍ବାର ପିପିଏଲ କର୍ତ୍ତୃପକ୍ଷ ଓ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ (ଏଡ଼ିଏମ) ଙ୍କୁ ଗୁହାରି କଲାପରେ ବି ଆଜି କାଲି କହି ସମୟ ଗଡ଼ାଇ ଚାଲିଛନ୍ତି । ଶ୍ରମିକ ମାନେ ମାସିକ ୧କ୍ରୁ ୧୨ ହଜାର ଟଙ୍କାରେ ଦୀର୍ଘ ବର୍ଷ ହେବ କାମ କରିଆସୁଛନ୍ତି । ସେଥିରେ ଶ୍ରମିକଙ୍କ ଗୁଜୁରାଣ ମେଣ୍ଟିବା ବହୁତ କଷ୍ଟ ହେଲେ ମଧ୍ୟ ସେମାନେ ଦୀର୍ଘ ବର୍ଷ ହେବ କାମ କରିଆସୁଥିଲେ । ଶ୍ରମିକଙ୍କ କହିବା ଅନୁଯାୟୀ ସେମାନେ ପିପିଏଲ ର କାମକୁ ଶୁଭମ ଏଣ୍ଟରପ୍ରାଇଜେସ ଦ୍ୱାରା କାର୍ଯ୍ୟ କରିଆସୁଥିଲେ । ଗତ ତିନିମାସ ତଳେ ପିପିଏଲ କର୍ତ୍ତୃପକ୍ଷ ଶୁଭମ ଏଣ୍ଟରପ୍ରାଇଜେସ କୁ ହଟାଇ ଦେଲେ । ତା ବଦଳରେ ଆଉ ଏକ ନୂଆ କଣ୍ଟ୍ରାକ୍ଟର ଦ୍ୱାରା ଶ୍ରମିକ ମାନଙ୍କୁ କାମରେ ଲଗାଇବା କଥା । କିନ୍ତୁ ପିପିଏଲ କର୍ତ୍ତୃପକ୍ଷ ଜାଣିଶୁଣି ନୂଆ କଣ୍ଟ୍ରାକ୍ଟର ନିଯୁକ୍ତି ନକରି ସମୟ ପରେ ସମୟ ଗଡ଼ାଇଚାଲିଛନ୍ତି କ୍ଷ ଅନ୍ୟପଟେ ନୂତନ ଶ୍ରମିକ ଙ୍କୁ ଆଣି ସେହି କାମ କୁ ଚାଲୁ ରଖିଛନ୍ତି କ୍ଷ ଯାହା ଦ୍ୱାରା ଶ୍ରମିକ ମାନେ ଦୌଡ଼ି ଦୌଡ଼ି ନିରାଶ ହେଲାପରେ ବାଧ୍ୟହୋଇ ଶୁକ୍ରବାର ସକାଳୁ ପାରାଦୀପ ଏଡ଼ିଏମ ଙ୍କ କାର୍ଯ୍ୟାଳୟ ଆଗରେ ଅନିର୍ଦ୍ଧିଷ୍ଟ କାଳ ପାଇଁ ଧାରଣରେ ବସିଛନ୍ତି।

ହରିତ ଯୋଗର ଅଂଶ ଭାବେ ପାରାଦୀପ ବନ୍ଦର ପକ୍ଷରୁ ସ୍ୱଚ୍ଛତା ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ପାରାଦୀପ, (ମହାଭାରତ) : ଆନ୍ତର୍ଯ୍ୟାତିୟ ଯୋଗ ଦିବସ ର 'ହରିତ ଯୋଗ' ଅଂଶ ଅନ୍ତର୍ଗତ ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ମାଉସୀ ମା ମନ୍ଦିର ନିକଟସ୍ଥ ଯୋର ପାର୍ଶ୍ୱରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଏବଂ ଗୋଲଡେନ ଜୁବିଲି ପାର୍କ ଠାରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଶୁକ୍ରବାର ଦିନ ଆୟୋଜିତ ହୋଇଯାଇଛି। ମାଉସୀ ମା ମନ୍ଦିର ନିକଟସ୍ଥ ଯୋର ପାର୍ଶ୍ୱ କୁ ଅଧିକ ମନୋରମ, ଆକର୍ଷଣୀୟ ଏବଂ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ପାଇଁ ସେଠାରେ ଗଦା ହୋଇଥିବା ଅଳିଆ ଓ ଆବର୍ଜନା କୁ ସଫା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଙ୍କ ସମେତ ବନ୍ଦର କର୍ମଚାରୀ, ସ୍ଥାନୀୟ ସ୍ୱେଚ୍ଛାସେବୀ ପ୍ରମୁଖ ଏହି ସ୍ୱଚ୍ଛତା ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସେହିପରି ପାରାଦୀପ ବନ୍ଦରର ସାମାଜିକ ଅନୁଷ୍ଠାନ ପାରାଦୀପ ସାକ୍ଷରତା ସମିତି ଏବଂ ଆର୍ଟ ଅଫ ଲିଭିଙ୍ଗ ମିଳିତ ସହଯୋଗରେ ସ୍ଥାନୀୟ ଅଫିସର୍ସ କ୍ଲବ ଠାରେ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୂଚନାଥାଉକି, ଜୁନ ୨୧ ତାରିଖ ଶନିବାର ଦିନ ଆନ୍ତର୍ଯ୍ୟାତିୟ ଯୋଗ ଦିବସ ଉପଲକ୍ଷେ ପାରାଦୀପ ବନ୍ଦର ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିଅମ ଠାରେ ଏକ ବୃହତ ଯୋଗ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏବଂ ଏଥିରେ ବହୁ ସଂଖ୍ୟାରେ ଜନସାଧାରଣ ଅଂଶଗ୍ରହଣ କରିବା ନେଇ ବନ୍ଦର ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି ।

ସାକିଲାଡିହି- ବିକାଶ ନଗର ରାସ୍ତା ବିପର୍ଯ୍ୟସ୍ତ ନେଇ ସାମ୍ବାଦିକଙ୍କ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ରାଇରଙ୍ଗପୁର - ୨୦-୦୬ ସାକିଲାଡିହି- ବିକାଶନଗର ୨.୫ କିମି ରାସ୍ତା ରାଇରଙ୍ଗପୁର ସହର ଓ ରାଇରଙ୍ଗପୁର ବ୍ଲକ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରାସ୍ତା ମଧ୍ୟରୁ ଅନ୍ୟତମ ।ଏହି ରାସ୍ତା ରାଇରଙ୍ଗପୁର ପୌରାପାଳିକା କାର୍ଯ୍ୟାଳୟରୁ ରାଇରଙ୍ଗପୁର ୍ଲକର ଦୁବୁଲାବେଡା- ପୁରୁଣା ପାଣି ପ୍ରଧାନମନ୍ତ୍ରୀ ରାସ୍ତାକୁ ସଂଯୋଗ କରିଛି ।ତଦସହ ଏହି ରାସ୍ତା ଗୋରୁମହିଷାଣୀ ଏବଂ ୨୨୦ ନମ୍ବର ବିୟଓ୍ୱାଡା- ରାଞ୍ଚି ଜାତୀୟ ରାଜପଥକୁ ସଂଯୋଗ କରିଛି ।ରାଇରଙ୍ଗପୁର ବ୍ଲକର ୫ ଟି ପଞ୍ଚାୟତ ଏବଂ ବହଳଦା ବ୍ଲକର ୫ ଟି ପଞ୍ଚାୟତବାସୀଙ୍କ ପାଇଁ ଏହା ଲାଇଫ ଲାଇନ ଭାବେ ପରିଚିତ ।ଅଁଳାଯୋଡ଼ି ରେଳ ଷ୍ଟେସନ,ଶହୀଦ ଗୁଣ୍ଡୁରିଆ ସ୍ମାରକୀ ସ୍ଥଳ, ପଣ୍ଡିତ ରଘୁନାଥ ମୁର୍ମୁ ଐତିହ୍ୟ ଗ୍ରାମ,ାଇଦାପୋଷୀ ନୂତନ ଷ୍ଟାଡିୟମ,ଗ୍ରାମ୍ୟ ଉନ୍ନୟନ ବିଭାଗ, ଦୁବୁଲାବେଡା ହାଇସ୍କୁଲ, ଗୋରୁମହିଷାଣୀ ଲୌହାଞ୍ଚଳ, ଗୋରୁମହିଷାଣୀ- ସାନମୌଦା ଆଦର୍ଶ ସ୍କୁଲ, ଗୋରୁମହିଷାଣୀ ଏକଲବ୍ୟ ସ୍କୁଲ, ଗୋରୁମହିଷାଣୀ ସିଟି ସ୍କୁଲ୍, ଗୋରୁମହିଷାଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋରୁମହିଷାଣୀ ଆଇରନ କଲେଜକୁ ଯିବା ଆସ କରନ୍ତି ଦୈନିକ ହଜାର ? ହଜାର ଲୋକ ।ରାଇରଙ୍ଗପୁର ପୌରପାଳିକା ରୁ ୨.୫ କିମି ଦୂର ? ସାକିଲାଡିହି - ବିକାଶନଗର ରାସ୍ତା ଖାଲ ଖମାଲରେ ଭର୍ତି ।ବର୍ଷା ହେଲେ ରାସ୍ତା ହ୍ୱୋଲ ।ଖରା ହେଲେ ଗେଟି ପଥର ବାହାରି ଥିବା ଯୋଗୁଁ ଯିବା ଆସିବା କଷ୍ଟକର ହୋଇ ପଡ଼ିଛି ।ସ୍କୁଲ, ପରିବହନ ଗାଡ଼ି, ସାଇକେଲ,ବାଇକ, ପଥଚାରୀମାନେ, ଛାତ୍ରଛାତ୍ରୀ, େ ଫରିବାଲା, ରୋଗୀ, ଆମ୍ବୁଲାନ୍ସ ଗୁଡିକ ଯିବା ଆସିବାରେ ଅସୁବିଧା ସମ୍ମୁଖୀନ ହେବା ସହ ଛୋଟବଡ ଦୁର୍ଘଟଣାର ଶିକାର ? ହେଉଛନ୍ତି ।ଦିର୍ଘ ବର୍ଷ ହେଲା ମରାମତି ହେଉ ନ ଥିବାରୁ ସମସ୍ତଙ୍କର ଗମନାଗମନର ଅସୁବିଧା ଘଟୁଛି ।ରାସ୍ତାର ବିଭିନ୍ନ ପାର୍ଶ୍ୱରେ ଖାଲ ସୃଷ୍ଟି ହୋଇଥିବାବେଳେ ରାସ୍ତା ପାର୍ଶ୍ୱ ଓ ମଝିରେ କାଦୁଅ ଭର୍ତି ହୋଇ ପଡ଼ିଛି ।ବଡ଼ ଗାଡ଼ି ଛଡା ସାଇକେଲ କି ବାଇକ କି ଚାଲିକି ଯିବା କଷ୍ଟକର ହୋଇପଡୁଛି ।ରାସ୍ତାର ଅବସ୍ଥା ସାଂଘାତିକ ଯନ୍ତ୍ରଣାଦାୟକ ହୋଇ ପଡ଼ିଛି ବୋଲି ସାକିଲାଡିହି ଓ ବିକାଶ ନଗର ଗ୍ରାମବାସୀ ଅଭିଯୋଗ କରୁଛନ୍ତି ।ବର୍ତ୍ତମାନ ରାସ୍ତାର ବିଭିନ୍ନ ପାର୍ଶ୍ୱରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିବାରୁ ବର୍ଷାପାଣି ଜମି ରହୁଛି ।ଏହି ରାସ୍ତାରେ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଦୈନିକ ରାଇରଙ୍ଗପୁର ସହରକୁ ସରକାରୀ,ବେସରକାରୀ,କଚେରୀ,ବେପାର ବାଣିଜ୍ୟ,ଡାକ୍ତରଖାନା,ସ୍କୁଲ,କଲେଜକୁ ଯିବା ଆସିବା କରିଥାନ୍ତି ।ଭିନ୍ନ ଦୃଷ୍ଟି କୋଣରୁ ରାଇରଙ୍ଗପପୁର ସହର ଏବଂ ବ୍ଲକର ବିଭିନ୍ନ ପ୍ରାନ୍ତରୁ ରାସ୍ତା ପଡ଼ିଥିବାରୁ ହଜାର ହଜାର ଲୋକେ ଏହି ରାସ୍ତାରେ ଯିବା ଆସିବା କରିଥାନ୍ତି ।ଅଂଚଳ ବାସୀଙ୍କ ଗମନାଗମନ ବୃହତ୍ତର ସ୍ୱାର୍ଥକୁ ନେଇ ସାମ୍ବାଦିକ ଅକ୍ଷୟ ବିଶ୍ୱାଳ ରାଇଙ୍ଗପୁର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଜନଶୁଣାଣୀରେ ସାକିଲାଡିହି- ବିକାଶନଗର ୨.୫ କିମି ରାସ୍ତା ମରାମତି ପାଇଁ ଜିଲ୍ଲାପାଳଙ୍କୁ ଲିଖିତ ଗୁହାରୀ କରିଛନ୍ତି ।

ଗୋତମୁଣ୍ଡା ଅଞ୍ଚଳରୁ ବେଆଇନ କାଠ ଚାଲାଣ: ନିଦ୍ରାରେ ବନ ବିଭାଗ

କୋକସରା, ୨୦।୬ : ଧର୍ମଗଡ ଦକ୍ଷିଣ ବନାଞ୍ଚଳ ଅଧିନ ବେହେରା ଫରେଷ୍ଟ ସେକ୍ସନର ଗୋତମୁଣ୍ଡା, ସାନପୋଡାଗୁଡା ଅଞ୍ଚଳରୁ ଗତ ଦୁଇ ମାସରୁ ଉର୍ଦ୍ଧ୍ୱ ହେବ ବେଆଇନ ଭାବେ ଟ୍ରକ୍ ଟ୍ରକ୍ କାଠ ଚାଲାଣ ହେଉଛି। କିନ୍ତୁ ବନ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି। ଅଭିଯୋଗ କଲେ ଆସୁଛୁ କହି ବନ ବିଭାଗର ଦେଖା ଦର୍ଶନ ମିଳୁ ନାହିଁ। ଯାହା ଫଳରେ ଜନ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ' ଗତ କିଛି ମାସ ହେଲା ନବରଙ୍ଗପୁର ଅଞ୍ଚଳର କାଠ ମାଫିଆ ମାନେ ଆସି ଏହି ଅଞ୍ଚଳରେ ଆଡ୍ଡା ଜମାଇଛନ୍ତି। ଏବଂ ସ୍ଥାନୀୟ କିଛି ଲୋକଙ୍କୁ ହାତ କରି ଲୋକଙ୍କ ଚାଷ ଜମି ଓ ବିଭିନ୍ନ ସ୍ଥାନରେ ଥିବା ସରକାରୀ ଜମି, ନଈ, ନାଲାରୁ 'ଖ' ଗଛ ଗୁଡ଼ିକୁ କାଟି ବିନା ଅନୁମତିରେ ଚାଲାଣ କରୁଥିବା ଦେଖିବାକୁ ମିଳୁଛି। ସାଧାରଣତଃ ନିଳଗିରି, ବାଉଁଶ, ଛୋଟ ଚାକୁଣ୍ଡା, ବମୁର ଆଦି ଗଛ ଫ୍ରି ସେଲ୍ ରହିଛି। ତଥାପି ଏହି ସବୁ ଗଛକୁ ଚାଲାଣ କରିବାକୁ ହେଲେ ବନ ବିଭାଗର ଏସିଏଫ କିମ୍ବା ଡିଏଫ୍ଓଙ୍କ ଅନୁମତି ଆବଶ୍ୟକ ରହିଛି। ହେଲେ ଏହି ସବୁ ଗଛ ନେବା ବାହାନାରେ ଜିଲ୍ଲା ବାହାରର କିଛି କାଠ ମାଫିଆ ଗୋତମୁଣ୍ଡା, ସାନପୋଡାଗୁଡା ଅଞ୍ଚଳର ଚାଷୀମାନଙ୍କ କ୍ଷେତରେ ଥିବା ଖ' ଗଛ ଗୁଡିକକୁ ଅଳ୍ପ କିଛି ଟଙ୍କା ଦେଇ କାଗଜ କଳକୁ ନେଉଥିବା ଜଣାପଡିଛି। ଚାଷୀଙ୍କ ଜମି କେବଳ ମୋହରା ହୋଇଯିବା ବେଳେ ଏହି କାଠ ମାଫିଆ ମାନେ ନଦି, ନାଲ ଗୋଚର ଜମି ଆଦି ସ୍ଥାନରେ ଥିବା ଗଛ ଗୁଡ଼ିକକୁ ମଧ୍ୟ କାଟି ନେଇଥିବା ଅଭିଯୋଗ ହେଉଛି। ଏମିତି କି ଅନେକ ମୂଲ୍ୟବାନ ଗଛ ଗୁଡ଼ିକୁ ମଧ୍ୟ ନିଳଗିରି ଗଛ ନାଁରେ ଟ୍ରକ୍ ରେ ଭର୍ତ୍ତି କରି ଚାଲାଣ କରୁଥିବା ଜଣାପଡିଛି। ଯଦି କୌଣସି ବ୍ୟକ୍ତି ଦରକାର ସମୟରେ ନିଜ ଜମିରୁ ମଧ୍ୟ ଗଛ କଟିବାକୁ ହେଲେ ସ୍ଥାନୀୟ ସରପଞ୍ଚ କିମ୍ବା ରାଜସ୍ୱ ବିଭାଗକୁ ଲିଖିତ ଭାବେ ପ୍ରଥମେ ଜଣାଇବାକୁ ପଡ଼ିଥାଏ। ଏହାପରେ ରାଜସ୍ୱ ବିଭାଗ ପକ୍ଷରୁ ସ୍ଥାନ ଯାଞ୍ଚ କରି ଚିହ୍ନଟ କରିବା ପରେ ଅନୁମତି ପାଇଁ ବନ ବିଭାଗକୁ ଅନଲାଇନ୍ ମାଧ୍ୟମରେ ଆବେଦନ କରାଯାଇଥାଏ। ଏବଂ ପରବର୍ତ୍ତି ସମୟରେ ଅନୁମତି ମିଳିଲେ ଗଛ କଟାଯାଇଥାଏ। ଏହା ବାଦ୍ ମଧ୍ୟ ଅନ୍ୟ ସ୍ଥାନକୁ ଚାଲାଣ କରିବାକୁ ହେଲେ ଏସିଏଫ କିମ୍ବା ଡିଏଫ୍ଓଙ୍କ ଠାରେ ଟ୍ରାନ୍ସପୋର୍ଟ ପରମିଟ ନେବାକୁ ପଡିଥାଏ। ହେଲେ ଏଠାରେ କିନ୍ତୁ ସମ୍ପୂର୍ଣ୍ଣ ଓଲଟା ଦେଖିବାକୁ ମିଳୁଛି। ହଜାର ହଜାର 'ଖ' ଗଛ ବିନା ଅନୁମତିରେ ମେସିନ ଲଗାଇ କାଟି ଦିଆଯାଇଛି। ଏବଂ ସ୍ଥାନୀୟ ଅଞ୍ଚଳର କିଛି ଦଲାଲକୁ ଧରି ଜିଲ୍ଲା ବାହାରକୁ ଚାଲାଣ କରାଯାଇଛି। ଏହାସତ୍ତ୍ୱେ ମଧ୍ୟ ବନ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଅନ୍ୟପଟେ କାଠ ଚାଲାଣ କରୁଥିବା କିଛି ବ୍ୟକ୍ତିଙ୍କୁ ପଚାରିବାରୁ କାଗଜ କଳକୁ ନେଉଥିବା କହିଥିବାବେଳେ ଅନୁମତି ଅଛି କି ନାହିଁ ବୋଲି ପଚାରିବାରୁ ଅନୁମତି ନଥିବା କଥାକୁ ମାନିଥିଲେ। ଏବଂ ବନ ବିଭାଗ ସହିତ ବୁଝାମଣାରେ କାଠ ଚାଲାଣ ହେଉଥିବା କହିଥିଲେ। ତେବେ ଏଠାରେ ପ୍ରଶ୍ନ ଉଠେ ଯେ' ଏତେ ପରିମାଣରେ ଗଛ ବିନା ଅନୁମତିରେ କେମିତି ଜିଲ୍ଲା ବାହାରକୁ ଚାଲାଣ ହେଉଛି, ତାହା ବନ ବିଭାଗ ଓ କାଠ ମାଫିଆଙ୍କ ସଲାସୁତୁରା ଥିବା ଜଳ ଜଳ ହୋଇ ଦିସୁଛି। ଅନ୍ୟପଟେ ଗୋଟିଏ ଟ୍ରକ କାଠ ଲୋଡ୍ ହେଲେ ବନ ବିଭାଗର ଭାଗ ୨୦ ରୁ ୨୫ ହଜାର ଟଙ୍କା ଥିବା ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ବିଗତ ଦିନରେ ଯେଉଁ ମାନେ ସାହାଜଖୋଲ ଜଙ୍ଗଲକୁ ସୁରକ୍ଷା ଦେଉଥିଲେ ସେହି ବନ ସୁରକ୍ଷା ସଂଘର କିଛି ଲୋକ ଏହି କାଠ ଚାଲାଣ କରବାରରେ ସଂଶ୍ଳିଷ୍ଟ ଥିବା ସବୁଠାରୁ ବଡ଼ ଚର୍ଚ୍ଚାର ବିଷୟ ହୋଇଛି। ଏ ବିଷୟରେ ଧର୍ମଗଡ଼ ବନାଞ୍ଚଳ ଅଧିକାରୀ ଭବାନୀ ଶଙ୍କର କାଉଁରଙ୍କୁ ଅବଗତ କରିବାରୁ ଷ୍ଟାଫ୍ ପଠାଉଛି କହି କଥା ହାଲୁକା ନେଇଥିଲେ।

ରାଇଘର ମାଟିର ପ୍ରଥମ ଔଷଧ ନିରୀକ୍ଷକ ଶ୍ରୀ ଅଶ୍ୱିନି କୁମାର ଗଣ୍ଡ

ନବରଙ୍ଗପୁର ଜିଲ୍ଲା (ମହାଭାରତ) ରାଇଘର ମାଟିର ପ୍ରଥମ ଔଷଧ ନିରୀକ୍ଷକ ଭାବେ ନିଯୁକ୍ତି ପାଇଛନ୍ତି ଶ୍ରୀ ଅଶ୍ୱିନି କୁମାର ଗଣ୍ଡ। ନବରଙ୍ଗପୁର ଜିଲ୍ଲା ପଛୁଆ ଓ ଆଦିବାସୀ ଅଧୁଷିତ ଅଞ୍ଚଳହୋଇଥିବା ବେଳେ ରାଇଘର ବ୍ଲକ ତଥା ସମଗ୍ର ଅଞ୍ଚଳ ବାସୀ ଙ୍କ ପାଇଁ ଏହା ଗର୍ବ ଓ ଗୌରବର ବିଷୟ,ସୀମାନ୍ତ ରାଇଘର ବ୍ଲକ ର ଜଡ଼ାପାରା କଲୋନୀ ଗ୍ରାମର ମେଧାବୀ ଯୁବକ ଶ୍ରୀ ଅଶ୍ୱିନି କୁମାର ଗଣ୍ଡ ଓଡିଶା ଲୋକସେବା ଆୟୋଗ ଦ୍ୱାରା ଔଷଧ ନିରୀକ୍ଷକ ଭାବରେ ନିଯୁକ୍ତି ପାଇ ସମସ୍ତ ଅଞ୍ଚଳକୁ ଗର୍ବିତ କରିଛନ୍ତି।ଅଶ୍ୱିନୀ ତୁରୁଡ଼ିହି ଉଚ୍ଚ ବିଦ୍ୟାଳୟ ରୁ ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ, ଏକଲବ୍ୟ ଆଦର୍ଶ ବିଦ୍ୟାଳୟ, ହିଲି ରେ ଯୁକ୍ତଦୁଇ ପରେ ପରେ ସେ ଜୟପୁର କଲେଜ ଅଫ୍ ଫାର୍ମାସି ରୁ ବି.ଫାର୍ମ ଓ ଏମ.ଫାର୍ମ ଶିକ୍ଷା ଗ୍ରହଣ କରିଥିଲେ। ବର୍ତମାନ ଅଶ୍ୱିନୀ ଙ୍କ ସଫଳତା ଅଞ୍ଚଳବାସୀ ଙ୍କ ପାଇଁ ଖୁସି ଓ ପ୍ରଥମ ଥର ପାଇଁ ଏଭଳି ଏକ ଉଚ୍ଚ ପଦବୀ ପାଇବା ସମସ୍ତ ଯୁବ ପିଢ଼ିଙ୍କ ପାଇଁ ପ୍ରେରଣା ଅଟେ । ପୂର୍ବରୁ ସେ ଦନ୍ତେଶ୍ୱରୀ କଲେଜ ଅଫ୍ ଫାର୍ମାସି ରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ଥିଲେ, ପରେ ସେ ପଣ୍ଡିତ ରବିଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟ ରେ ଆଣ୍ଠୁ ବାତ ରୋଗ ସମ୍ବନ୍ଧୀୟ ଔଷଧ ଉପରେ ଗଭୀର ଗବେଷଣା କରିଥିଲେ। ସେ ରାଜ୍ୟ ସ୍ତରରେ ବେଷ୍ଟ ପୋଷ୍ଟର ପ୍ରେଜେଣ୍ଟେସନ ପୁରସ୍କାର ମଧ୍ୟ ଲାଭ କରି ସମ୍ମାନିତ ହୋଇଛନ୍ତି।ସେ ଏକ ସଚେତନ ସମାଜସେବୀ ଭାବେ ମଧ୍ୟ ଜଣାଶୁଣା ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେବା,ଯୁବ ପିଢ଼ି ଙ୍କୁ ଦିଗଦର୍ଶନ ଦେବା ପାଇଁ ସେ ଛାତ୍ର ସଂଘ ଓ ଟ୍ରଷ୍ଟ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିଛନ୍ତି।ଅଶ୍ୱିନୀ ଙ୍କ କହିବା ଅନୁଯାୟୀ ସଫଳତାର ପଛରେ ରହିଛି ଦୀର୍ଘ ପରିଶ୍ରମ, ଅଟୁଟ ସଂଘର୍ଷ ଓ ମୋ ମାଟି ପ୍ରତି ଅପାର ଭଲ ପାଇବା। ଏହି ଗୌରବ ର ଶ୍ରେୟ ମୋ ପିତାମାତା, ଗୁରୁଜନ ଓ ରାଇଘର ମାଟି ପ୍ରତି ଆଦର ଓ ସମସ୍ତଙ୍କ ଆଶୀର୍ବାଦ। ମୁଁ ଏହି ଦାୟିତ୍ୱକୁ ନିଷ୍ଠାର ସହିତ ତୁଲାଇବି ଏହି ଗୌରବ ଜନକ ସଫଳତା ଅନେକ ଯୁବପିଢି ପାଇଁ ପ୍ରେରଣା ହେବ ବୋଲି ଆଶା । ଅନେକ ବାଧାବିଘ୍ନ ପରିସ୍ଥିତି କୁ ମୁକାବିଲା କରି ଜୟ କରି ସେ ଯେଉଁ ସ୍ଥାନକୁ ପହଞ୍ଚିଛନ୍ତି, ତାହା ଏକ ମଜବୁତ ଦୃଷ୍ଟାନ୍ତ ଭାବରେ ଦେଶ ଓ ଦିଗନ୍ତ ପର୍ଯ୍ୟନ୍ତ ପ୍ରେରଣା ଦେବ।ପ୍ରକାଶ ଥାଉକି, ଛଅ ମାସ ପୂର୍ବରୁ ତାଙ୍କ

ବିକାଶ ବାହନ ବାଣ୍ଟୁଛି ସରକାରଙ୍କ ଜନହିତ କର୍ଯ୍ୟର ବାର୍ତ୍ତା

ଦେବଗଡ଼ (ମହା ଭାରତ): ରାଜ୍ୟ ସରକାର ଙ୍କ ଏକ ବର୍ଷ ପୂର୍ତ୍ତି ଅବସର ନବମ ଦିବସ ରେ ଦେବଗଡ଼ ଜିଲ୍ଲା ରେ ତିନି ବ୍ଲକ ରେ ୭୦ ଟି ଗ୍ରାମ ପଞ୍ଚାୟତ ରେ ବିକାଶ ରଥ ଜିଲ୍ଲାର ଜିଲ୍ଲା କଳାକାର ସଂଘ ଓ ବ୍ଲକ କଳାକାର ସଂଘ ପକ୍ଷରୁ ବିଭିନ୍ନ ପଂଚାୟତ ରେ ସରକାରଙ୍କ ର ବିଭିନ୍ନ ଯୋଜନା ସମ୍ପର୍କ ରେ ପାଲା, ଦଣ୍ଡ ନୃତ୍ୟ, ଦାସକାଠିଆ ଓ ଏଲିଡି ମାଧ୍ୟମରେ ଲୋକଙ୍କୁ ଅବଗତ କରିବା ସହ ଲୋକଙ୍କୁ ସଚେତନତା କରିବୟ ଆଜି ରିଆମାଳ ବ୍ଲକ ର ଚୁହିଲାମଲ୍ , ମଲେହିପଡ଼ା ଗ୍ରାମ ପଞ୍ଚାୟତ, , ବାରକୋଟ ବ୍ଲକ ର ରାଇତାବାହାଲ ଗ୍ରାମ ପଞ୍ଚାୟତ, ମଧ୍ୟପୁର ଗ୍ରାମ ପଂଚାୟତ, , ତିଲେଇବଣି ବ୍ଲକ ର ବଡ଼ଛାପଲ୍ ଗ୍ରାମ ପଞ୍ଚାୟତ, ବଣିଆକିଣ୍ଡା ଗ୍ରାମ ପଞ୍ଚାୟତ ସଚେତନତା ରଥ ପହଂଚିବା ପରେ ଅଞ୍ଚଳ ବାସୀ, ଜିଲ୍ଲା ପ୍ରଶାସନ, ଅଙ୍ଗନବାଡି, ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ବିକାଶ ବାହାନ କୁ ସ୍ୱାଗତ କରିବା ସହ ସରକାରଙ୍କ ର ବିଭିନ୍ନ ଯୋଜନା ଗୁଡିକ ପାଲା, ଦଣ୍ଡ ନୃତ୍ୟ, ଦାସକାଠିଆ ଓ ଏଲିଡି ମାଧ୍ୟମରେ ଦେଖିଥିଲେ । ଉକ୍ତ ପଞ୍ଚାୟତ ରେ ବାର୍ଦ୍ଧକ୍ୟ ଭତ୍ତା, ଆଧାର କାର୍ଡ, ବ୍ୟୟ ବନ୍ଦନା, ଇ କେ ୟା ସି, ଶ୍ରମ କାର୍ଡ, ଅନ୍ତୋଦ୍ଦୟ କାର୍ଡ, ନୂତନ ରାସନ କାର୍ଡ, ସିଏମ କିସାନ, ପିଏମ କିସାନ କାର୍ଡ ବଣ୍ଟନ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ଜିଲ୍ଲା ପ୍ରଜ୍ୟ ବକ୍ଷକ ମନୁନାଥ ସେଠି , ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ରାଜେନ୍ଦ୍ର କୁମାର ମିଞ୍ଜ, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ ବିଭିନ୍ନ ବ୍ଲକ ର ପଞ୍ଚାୟତ କୁ ଯାଇ ଲୋକ ମାନଙ୍କ ର ବିଭିତ୍ତ ସମସ୍ୟା ପଚରି ବୁଝିଥିଲେ । କାର୍ଯ୍ୟକ୍ରମ ରେ ବିପୁଳ ସଂଖ୍ୟାରେ ଲୋକ ଯୋଗଦାନ କରିଥିଲେ ।

ପାରଳାଖେମୁଣ୍ଡି ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଆସନ୍ତା ରଥ ଯାତ୍ରା ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜିଲ୍ଲା ପରିଷଦ ଅଧକ୍ଷ ଜୀ ତିରୁପତି ରାଓ, ପାରଳା ପୋର ପରିଷଦ ଅଧକ୍ଷା ନିର୍ମଳା , ଉପଜିଲ୍ଲାପାଳ ଅନୁପ ପଣ୍ଡା, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେରକେଟା, ଅତିରିକ୍ତ ଜିଲ୍ଲାପାଳ ଫାଲଗୁନ ମାଝୀ, ରଥଯାତ୍ରା ଅନୁଷ୍ଠିତ ହୋଇ ଥିବା ବିଭିନ୍ନ କମିଟିର ସଦସ୍ୟ ଉପସ୍ଥିତ ଥିଲେ । ବୈଠକରେ ରଥଯାତ୍ରା ସମୟରେ ଟ୍ରାଫିକ ବ୍ୟବସ୍ଥା ଅସ୍ଥାୟୀ ଦୋକାନ ବ୍ୟବସ୍ଥା ଓ ମିନା ବଜାର ପାଇଁ ବିସ୍ତୃତ ଆଲୋଚନା ହୋଇ ଥିଲା ।ରଥଯାତ୍ରାରେ ଜନ ସମାଗମକୁ ଦୃଷ୍ଟିରେ ରଖି ସହରର ପରିମଳ ବ୍ୟବସ୍ଥା ପାନୀୟ ଜଳ ବ୍ୟବସ୍ଥା,ଆମ୍ବୁଲାନ୍ସ ଓ ଅଗ୍ନିଶମ ବ୍ୟବସ୍ଥା ଉପରେ ଆଲୋଚନା ହେବା ସହ ଉକ୍ତ ବିଭାଗକୁ ଏଥିପାଇଁ ସମ୍ପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା ରଥଯାତ୍ରା ସମୟରେ ଭିଡକୁ ଦୃଷ୍ଟିରେ ରଖି ଟ୍ରାଫିକ ବ୍ୟବସ୍ଥା ଓ ଶାନ୍ତି ଶୃଙ୍ଖଳା ରଖିବା ପାଇଁ ପୋଲିସ ପକ୍ଷରୁ କିପରି ସୁରକ୍ଷା ବ୍ୟବସ୍ଥା କରାଯିବ ତା ଉପରେ ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ବିସ୍ତୃତ ଆଲୋଚନା କରିଥିଲେ ।ଯାତ୍ରା ସମୟରେ ଶ୍ରଦ୍ଧାଳୁ ମାନେ ନିଜ ନିଜ ଗାଡ଼ିଗୁଡିକ ଗଜପତି ଷ୍ଟାଡିୟମ ନିକଟରେ ପାର୍କିଂ କରିବେ ।ଯାତ୍ରା ଆରମ୍ଭ ଦିନରୁ ଗାଡି ଗୁଡିକ ପୁରୁଣା ଫାୟାର ଷ୍ଟେସନ ଛକ ଠାରୁ ମେଡ଼ିକାଲ ଛକ ସିନେମା ହଲ ରାଜନହର, ପୁରୁଣା କୋର୍ଟ ଛକ ଦେଇ ଗାଡି ଚଳାଚଳ କରିବ ଯାତ୍ରା ଓ ବାହୁଡ଼ା ଯାତ୍ରା ଦିନ ସହରର ସମସ୍ତ ମଦ ଦୋକାନ ବନ୍ଦ ରହିବ । ଯାତ୍ରା ଅଞ୍ଚଳରେ ସିସିଟିଭି କରାଯିବା ସହ ଯାତ୍ରାର ସମୟ ସାରଣୀ ରାତି ୧୧ ଟା ସୁଦ୍ଧା ସମାପନ ସମ୍ପର୍କରେ ଆଲୋଚନା ହୋଇଥିଲା । ଆଗାମୀ ଦୁଇ ତିନି ଦିନ ଭିତରେ ରଥ କାମ ସମ୍ପୂର୍ଣ୍ଣ ହେବ ବୋଲି ଉପଜିଲ୍ଲାପାଳ ଅନୁପ ପଣ୍ଡା ସୂଚନା ଦେଇଛନ୍ତି ।ଏହି ବୈଠକରେ ବିଭିତ୍ତ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ସମେତ ସହରର ବହୁ ବୁଦ୍ଧିଜିବୀ, ଗଣମାଧ୍ୟମ ପ୍ରତିନିଧି, ସହରର ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରୟାଗି ଅଳେଶ୍ୱର ମନ୍ଦିରରେ ଚୋରି; ପୁଲିସ ତଦନ୍ତ ଆରମ୍ଭ

ଗଂଜାମ: ରମ୍ଭା ଥାନା ଅନ୍ତର୍ଗତ ଗଂଜାମ ବ୍ଲକର ରାମଗଡ଼ ପଞ୍ଚାୟତର ପ୍ରୟାଗିସ୍ଥିତ ଅଳେଶ୍ୱର ମନ୍ଦିରରେ ପୁଣି ଚୋରି ହୋଇଥିବା ଘଟଣା ସାମ୍ନାକୁ ଆସିଛି । ଗୁରୁବାର ମଧ୍ୟରାତ୍ରିରେ ଦୁର୍ବୃତ୍ତମାନେ ମନ୍ଦିର ଭିତରେ ଥିବା ହୁଣ୍ଡିକୁ ଲୁହା ରଡ଼ ସାହାଯ୍ୟରେ ଭାଙ୍ଗି ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି । ବାରମ୍ବାର ମନ୍ଦିରରେ ଚୋରି ହେବା ନେଇ ସ୍ଥାନୀୟ ଲୋକମାନେ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି । ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏହି ମନ୍ଦିରରେ ଷଷ୍ଠ ଥର ପାଇଁ ଚୋରି ହୋଇଛି ବୋଲି ଲୋକେ କହିଛନ୍ତି । ପୂର୍ବରୁ ମଧ୍ୟ ଏହି ମନ୍ଦିରରୁ ଲଗାତାର ୫ ଥର ଚୋରି ହୋଇଥିଲେ ମଧ୍ୟ ପୁଲିସ ଚୋରମାନଙ୍କୁ ଧରି ୩ ହଜାର ଟଙ୍କା ଫେରାଇଥିଲେ । ଏହି ଘଟଣା ପରେ ମନ୍ଦିର ପରିଚାଳନା କମିଟି ଓ ସ୍ଥାନୀୟ ଲୋକେ ପୁଲିସ ପ୍ରଶାସନର ନିଷ୍କ୍ରିୟତା ଉପରେ ପ୍ରଶ୍ନ ଉଠାଇଛନ୍ତି । ବାରମ୍ବାର ଚୋରି ଘଟଣା ସ□ମନ୍ଦିର ପରିସରରେ ସିସିଟିଭି କିମ୍ବା ସୁରକ୍ଷା ବ୍ୟବସ୍ଥା ନଥିବାରୁ ଚୋରମାନେ ସହଜରେ କାର୍ଯ୍ୟ କରୁଛନ୍ତି ବୋଲି ଅଭିଯୋଗ ହେଉଛି । ମନ୍ଦିର ପରିସରରେ ସୁରକ୍ଷା ବ୍ୟବସ୍ଥା ଦୃଢ଼ କରିବାସହ ଦୋଷୀମାନଙ୍କୁ ଶୀଘ୍ର ଗିରଫ କରିବାକୁ ଦାବି କରୁଛନ୍ତି ।

ଦୁର୍ଗନ୍ଧମୟ ପରିବେଶରେ ସାରଙ୍ଗପୁରବାସୀ ଅତିଷ୍ଠ

ଦାନଗଦି: (ମହାଭାରତ)କଳିଙ୍ଗନଗର ଶିଳ୍ପାଞ୍ଚଳ ଆରମ୍ଭ ହେବାଦିନୁ ସାରଙ୍ଗପୁର ପଂଚାୟତ ନୀଳାଚଳ ପାଚେରୀକୁ ଲାଗିରହିଥିବା ହାଟିଂ ବସ୍ତି ଟି ଜନ ଗହଳି ରେ ପରିପୂର୍ଣ୍ଣ ହୋଇ ବେଆଇନ ଭାବେ ଇଡକୋ ଜାଗାରେ ଘର ନିର୍ମାଣ ହୋଇ ଉଠୁଛି । ଏଠାକାର ଜନ ସଂଖ୍ୟା ସମୁଦାୟ ୧୨୦୦ ରୁ ଉର୍ଦ୍ଧ ୨୦୦ ରୁ ଉର୍ଦ୍ଧ ପରିବାର ବସବାସ କରୁଛନ୍ତି । କିଛି ବର୍ଷ ପରେ ହଟିଂ ନାମରେ ଥିବା ଏହି ବସ୍ତି ନାମ ବଦଳି ସାର୍ନାଗାଲ ରେ ପରିଣତି ହୋଇ ଏଠାକାରେ ରହୁଥିବା ସଂପ୍ରଦାୟର ବାସିନ୍ଦା ଏହି ବସ୍ତି ର ନାମକରଣ କରିଥିଲେ ୟଅଧିକାଂଶ ଏହି ବସ୍ତିରେ ଆଦିବାସୀ ମହାନ୍ତ ସଂପ୍ରଦାୟର ଓ ଅନେକ ପ୍ରକାର ଜନଜାତି ବସବାସ କରନ୍ତି । ଏହି ବସ୍ତିର ସମସ୍ୟତ ଅନେକ ହେଲେ କିଛି ମୁଷ୍ଟିମେୟ ବ୍ୟକ୍ତି ଙ୍କ ଆକୃଷରେ ଏଠାକା ପରିବେଶ ର ମାନଚିତ୍ର ବଦଳାଇଦେଇଛି । ହାଣ୍ଡିଆ ମୋହୁଲି ଭଳି ଅନେକ ବ୍ୟବସାୟୀ ଏଠାରେ ଅନେକ ମୁଷ୍ଟିମେୟଙ୍କ ଛତ୍ରଛାୟା ପାଲଟି ଏଠାକାର ଜନସାଧାରଣ ଙ୍କ ଜୀବନ

ନର୍କଗାମି ହେବାକୁ ବାଧ କରୁଛି । କିନ୍ତୁ ଦୁର୍ଭାଗ୍ୟର ବିଷୟ ଚୁଆ ପାଣି ସାହା ଭରଷା ଏହି ବସ୍ତିକୁ, ଚୁଆ ପାଣିରେ ତୃଷ୍ଣା ମେଣ୍ଟାଉଛନ୍ତି ବସ୍ତିର ବାସିନ୍ଦା । ଗହଳି ଭିଡ଼ ଭିତରେ ରହିଥିବା ଏହି ବସ୍ତି ଅନେକ ପ୍ରକାର ବାଧା ବିଘ୍ନ ର ସାମ୍ନା ହେବାକୁ ପଡୁଛି ସାରଙ୍ଗପୁର ବାସୀଙ୍କ ସହ ଏ ଆଖପାଖ ଅଂଚଳର ବାସିନ୍ଦାଙ୍କୁ । ରାସ୍ତା କଡ଼ରେ ହାଣ୍ଡିଆର କିଛି ଅଂଶ ରାସ୍ତା କଡ଼ରେ ଅନେକ ପ୍ରକାର ବର୍ଯ୍ୟ ବସ୍ତୁ ବାହାରେ ପିଲାମାନଙ୍କୁ ଶୌଚ କରିବା ଦୁର୍ଗନ୍ଧ ରେ ନାକ ଫାଟି ପଡୁଛି ।କିଛି ଅସାମାଜିକ ବ୍ୟକ୍ତିମାନଙ୍କ ଭାବନା ବଦଳାଇ ଦେଉଛି ଏ ବସ୍ତିର ମାନଚିତ୍ର । ବସ୍ତିର ବାସିନ୍ଦା ମାଟି କ୍ୟା ସହ ଆଜବେଷ୍ଟ ଛପର ଛାୟା ରେ ଜୀବନ କଟାଉଥିବାବେଳେ । ସାରଙ୍ଗପୁର ଗ୍ରାମ ବାସିନ୍ଦା ଅନେକ ଅସୁବିଧାରେ ସାମ୍ନା କରୁଛନ୍ତି । ଏଠାକାର ଜନ ପ୍ରତିନିଧି ଙ୍କ ସ୍ୱାର୍ଥ ପୁରହେବାରେ ଲାଗିଥିବାବେଳେ ଏହି ବସ୍ତିପାଇଁ ନିରୀହ ସାରଙ୍ଗପୁର ବାସିନ୍ଦା ହନ୍ତସନ୍ତ ହେଉଛନ୍ତି । ହାଟିଂ ବସ୍ତି ର ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ ପଚାରିବାରୁ ସେ କୁହନ୍ତି ବାରମ୍ବାର ଲୋକଙ୍କୁ କହିବା ପରେ ମଧ୍ୟ କେହି ଦୃଷ୍ଟି ଦେଉନାହାନ୍ତି ।

ଆରଡି ଅଞ୍ଚଳରେ ଝାଡାବାନ୍ତି: ଜୋରିମାନା ଗଣିଲେ ଜଳଖିଆ ଦୋକାନୀ

ଆରଡି : ଭଦ୍ରକ ଜିଲା ଆରଡି ଅଞ୍ଚଳରେ ଝାଡାବାନ୍ତି ବ୍ୟାପିବା ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖା ଦେଇଛି । ଗତ ୩ଦିନ ହେବ ଝାଡାବାନ୍ତି ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ, ତାହାକୁ କିପରି ଆୟତ କରାଯିବ ସେଥିପାଇଁ ଶୁକ୍ରବାର ଝନ୍ଦବାଲି ତହସିଲଦାର ଭବତୋଷ ମଲିକଙ୍କ ନେତୃବରେ ଖାଦ୍ୟ ସୁରକ୍ଷା ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିତ ଭାବେ ପୀଠର ବସଷ୍ଟାଣ୍ଡଠାରୁ ଆରମ୍ଭ କରି ମୁଖ୍ୟ ବଜାର ଓ ସାହିରେ ଥିବା ସମସ୍ତ ଜଳଖିଆ, ମିଠା ଓ ଉଠାଦୋକାନୀଙ୍କର ଖାଦ୍ୟ ମାନ ଯାଞ୍ଚ କରିବା ସହ ଖାଦ୍ୟ ପ୍ରସ୍ତୁତ ହେଉଥିବା ତେଲ, ବେସନ, ମିଠା ଆଦିର ମାନ ପରିଖିଥିଲେ । ଏପରିକି କେତେକ ଦୋକାନୀଙ୍କ ଖାଦ୍ୟ ଓ ଖାଦ୍ୟ ପ୍ରସ୍ତୁତ ସାମଗ୍ରୀ, ପିଇବା ପାଣି

ଠିକ ନଥିବାରୁ ଏପରି ଜିନିଷ ବ୍ୟବହାର ନକରିବା ସହ ବିକ୍ରି ନକରିବା ପାଇଁ କଡା ତାଗିଦ କରିଥିଲେ ।କିଛି ଦୋକାନୀଙ୍କ ଠାରୁ ମଧ୍ୟ ଜୋରିମାନା ଆଦାୟ କରାଯାଇଥିବା କହିଛନ୍ତି ଝନ୍ଦବାଲି ତହସିଲିଦାର ଭବତୋଷ ମଲିକ । ଅନ୍ୟପଟେ ଚଢାଉ ଭୟରେ କିଛି ଦୋକାନୀ ଦୋକାନ ବନ୍ଦ କରି ପଳାଇଯାଇଥିଲେ । ସୂଚନା ଅନୁଯାୟୀ ଗତ ୩ଦିନ ମଧ୍ୟରେଲ ୧୦ଜଣ ଝାଡାବାନ୍ତି ରୋଗୀ ଆରଡି ମେଡିକାଲକୁ ଆସି ଚିକିତ୍ସିତ ହୋଇଥିବା ବେଳେ ୩ଜଣଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁବର ହେବାରୁ ଭଦ୍ରକ ମେଡିକାଲକୁ ପଠାଯାଇଥିଲା । ତାହାସହ ଅନ୍ୟ ରୋଗୀ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି । ଅନ୍ୟପଟେ ପୀଠରେ ପିଇବାପାଣି ଅସୁବିଧା ଥିବାରୁ ବାବାମଣିଙ୍କ ମନ୍ଦିର ସମୁଖରେ ଥିବା ଶିବଗଙ୍ଗା ପୁଷ୍କରିଣୀ ଜଳ ବ୍ୟବହାର କରାଯାଉଥିବା ସ୍ଥାନୀୟ ଲୋକ ତହସିଲିଦାରଙ୍କ ଦୃଷ୍ଟି ଗୋଚର କରାଇଥିଲେ । ହେଲେ ଶିବଗଙ୍ଗା ଜଳ ଏବେ ପ୍ରଦୂଷିତ ହୋଇ କଳା ପଡିଯିବା ସହ ପଚା ଦୁର୍ଗନ୍ଧମୟ ହେଉଥିଲେ ମଧ୍ୟ ବିକଳ୍ପ ବ୍ୟବସ୍ଥା ନଥିବାରୁ ବାଧ୍ୟ ହୋଇ ସେବାୟତମାନେ ନୀତିଭୋଗ ପ୍ରସ୍ତୁତ କରିବା ସହ ଜଳାଭିଷେକ କରୁଛନ୍ତି । ସେହିପରି ପୀଠର ଝରିଆଡେ କୁଢକୁଢ ଅଳିଆ ଗଦା ହୋଇ ପଡିଥିଲେ ମଧ୍ୟ ସାମାନ୍ୟ ବିଚିଂ ପାଓ୍ୱଡର ପକାଯାଉନାହିଁ ବୋଲି ସ୍ଥାନୀୟ ଲୋକ ତହସିଲିଦାରଙ୍କ ଜଣାଇଥିଲେ ।

ତହସିଲଦାର ଙ୍କ ବଦଳି କୁ ଘୋର ବିରୋଧ

ଦଶପଲ୍ଲା,(ମହାଭାରତ): ନୟାଗଡ ଜିଲ୍ଲା ଦଶପଲ୍ଲା ତହସିଲ କାର୍ଯ୍ୟାଳୟ ରେ କାର୍ଯ୍ୟରତ ଥିବା ତହସିଲଦାର ଙ୍କ ବଦଳି କୁ ନେଇ ସାଧାରଣ ଜନତା,ଅନେକ ସଚେତନ ନାଗରିକ ଓ ବିଭିତ୍ତ ଅନୁଷ୍ଠାନ ର ସଦସ୍ୟ ମାନେ ଘୋର ବିରୋଧ କରିଛନ୍ତି । ବିଗତ ଦିନରେ ଦଶପଲ୍ଲା କୁ ଅନେକ ତହସିଲଦାର ଆସିଛନ୍ତି ଓ ନିଜ ନିଜ କାର୍ଯ୍ୟ ଦକ୍ଷତା ର ଛାପ ଛାଡି ଯାଇଛନ୍ତି । ତେବେ ବର୍ତମାନ ର ତହସିଲଦାର ଭାବେ ଅବସ୍ଥାପିତ ସ୍ମୃତିରଞ୍ଜନ ଶତପଥୀ ଙ୍କ କଥା ଅଲଗା । ତାଙ୍କର କାର୍ଯ୍ୟକଳାପ ସମସ୍ତ ଙ୍କ ପକ୍ଷେ ସନ୍ତୋଷ ଜନକ କାର୍ଯ୍ୟ ହୋଇଥିବାରୁ ସାଧାରଣ ଜନତା ଓ ଅନ୍ୟ ସଚେତନ ନାଗରିକ ତଥା ବିଭିତ୍ତ ଅନୁଷ୍ଠାନ ର ସଦସ୍ୟ ମାନେ ଏଭଳି ଜନହିତକାରୀ ପ୍ରଶାସନିକ ଅଧିକାରୀ ତହସିଲଦାର ଙ୍କ ଅନ୍ୟତ୍ର ବଦଳି କୁ ସହଜରେ ହଜମ କରିପାରୁନାହାନ୍ତି । ଅଳ୍ପ ଦିନ କାର୍ଯ୍ୟ ରେ ଯୋଗ ଦେଇଥିଲେ ମଧ୍ୟ ତାଙ୍କର କାର୍ଯ୍ୟଦକ୍ଷତା, ସାଧାରଣ ଜନତା ପ୍ରତି ସଦବ୍ୟବହାର ସାଧାରଣ ଜନ ମାନସର ହୃଦୟ ର ଗଭୀରତା ଛୁଇଁଛି । ଏଣୁ ଏ ପ୍ରକାର କାର୍ଯ୍ୟଦକ୍ଷ ସମ୍ପର୍ଣ୍ଣ ତହସିଲଦାର ଙ୍କ ବଦଳି କୁ ବିରୋଧ କରିବା ସହିତ ଲିଖିତ ଅଭିଯୋଗ ପତ୍ର ନୟାଗଡ ଜିଲ୍ଲାପାଳ ଙ୍କୁ ପ୍ରଦାନ କରିଛନ୍ତି । ଦେଖାଯାଉ ଏ ଅଭିଯୋଗ କୁ ଜିଲ୍ଲାପାଳ କି ପଦକ୍ଷେପ ନେଉଛନ୍ତି ନାଁ ବଦଳି ନିର୍ଦ୍ଦେଶ କାଏମ ରହୁଛି ତାହା ଦେଖିବାକୁ ବାକି ରହିଲା ।

ମୁଁ ବଞ୍ଚିବାକୁ ଚାହେଁ; ସାହାଯ୍ୟ ଅପେକ୍ଷାରେ ପ୍ରେପକା ଭେଙ୍କଟେସ

କଲ୍ୟାଣସିଂହପୁର: ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦର ପଞ୍ଚାୟତ ଦେବଗିରି ସାହିର ପ୍ରେପକା ଦିନବନ୍ଧୁଙ୍କ ବଡ ପୁଅ ପ୍ରେପକା ଭେଙ୍କଟେସ(୨୬) କର୍କଟ ରୋଗରେ ଆକ୍ରାନ୍ତ ହୋଇ ଯନ୍ତ୍ରଣା ଭୋଗୁଛନ୍ତି ।ବିଛଣାରେ ପଡ଼ିରହି ମୁଁ ବଞ୍ଚିବାକୁ ଚାହେଁ, ମତେ ପାଇପ ଲଗାଇ ଖାଇବାକୁ ଦିଅ ବୋଲି ଚିତ୍କାର ଶୁଣି ପିତାମାତାଙ୍କ ଛାତି ଫାଟି ପଡୁଛି । ଯେଉଁ ବୟସରେ ରୋଜଗାର କରି ପିତାମାତା ଓ ପରିବାରର ଭରଣପୋଷଣ କରିବା କଥା, ସେ ବୟସରେ ପ୍ରେପକା ଭେଙ୍କଟେସ କ୍ୟାନ୍ସର ରୋଗରେ ଆକ୍ରାନ୍ତ ହୋଇ ଖାଇବା ପାଇଁ ଛଟପଟ ହେଉଛନ୍ତି ।ପ୍ରାୟ ୨ ବର୍ଷ ହେବ ଭେଙ୍କଟେସ ରୋଗରେ ଆକ୍ରାନ୍ତ ହୋଇଥିବାରୁ ତାଙ୍କୁ ପ୍ରଥମେ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେୟ ଏହାପରେ ରାୟଗଡ଼ା, କୋରାପୁଟ, ଏମକେସିଜି ବ୍ରହ୍ମପୁର, ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଡାକ୍ତରଖାନାରେ ଯାଇ ଅପରେସନ କରିଥିଲେ । ଏହି ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସାହି ପଡ଼ିଶା ଲୋକମାନଙ୍କଠାରୁ କିଛି ଅର୍ଥ ଆଦାୟ କରି ବିଭିତ୍ତ ମେଡିକାଲ ବୁଲାଇ ଚିକିତ୍ସା କରିଥିଲେ । ଏହାପରେ ଘରକୁ ଫେରି ଆସିଥିଲେ । ସ୍ୱାସ୍ଥ୍ୟାବସ୍ଥା ପୁଣି ଖରାପ ହେବାରୁ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମର ଏକ ଘରୋଇ ଡାକ୍ତରଖାନାକୁ ନେଇ ଚିକିତ୍ସା କରିଥିଲେ । ଏହି ଖବର 'ସମାଜ'ରେ ପ୍ରକାଶ ପାଇବା ପରେ ରାୟଗଡ଼ା ରେଡ଼କ୍ରସ ପକ୍ଷରୁ ୨୦ହଜାର ଟଙ୍କା ଓ ବିଭିତ୍ତ ସଂସ୍ଥାରୁ କିଛି ଟଙ୍କା ଦେଇଥିଲେ । ଏହାପରେ ପୁଣି ଅବସ୍ଥା ଖରାପ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ଔଷଧ ଦେଇ ଫେରାଇ ଦେଇଥିବା ପରିବାର ଲୋକେ କୋହଭର କଣ୍ଠରେ କହିଛନ୍ତି ।କିନ୍ତୁ ଭେଙ୍କେଟେସ ପାଟିରେ କୌଣସି ଖାଦ୍ୟ କିମ୍ବା ତରଳ ଖାଦ୍ୟ ମଧ୍ୟ ଖାଇପାରୁ ନଥିବାରୁ ମତେ ପାଇପ ଲଗାଇ ଖାଇବାକୁ ଦିଅ ବୋଲି ବାପା ମାଆଙ୍କୁ ବିକଳ ହୋଇ କହିବାରୁ ଦୁହେଁ ପୁଅର କରୁଣା ଚିତ୍କାର ଶୁଣି ଭାଙ୍ଗି ପଡ଼ିଛନ୍ତି । ଅନ୍ୟପଟେ ଝିଅ ପ୍ରେପକା ଝାନସୀଙ୍କ ଆଖିକୁ ଦେଖା ଯାଉନାହିଁ । ଅନ୍ଧୁଣି ଝିଅକୁ ପ୍ରମାଣପତ୍ର ଆଣିବା ପାଇଁ ରାୟଗଡ଼ା ଯିବା ପାଇଁ କହିଥିଲେ ବ୍ଲକ ପ୍ରଶାସନ । କିନ୍ତୁ ଅର୍ଥର ଅଭାବ ଯୋଗୁଁ ସେମାନେ ରାୟଗଡ଼ା ଯାଇପାରୁନାହାନ୍ତି । ତାଙ୍କୁ ସରକାରଙ୍କ ତରଫରୁ କୌଣସି ସାହାୟତା ମିଳିପାରିନାହିଁ ବୋଲି ମାଆ ପ୍ରେପକା କଳାବତୀ କହିଛନ୍ତି । ଏହି ପରିବାରକୁ ଘର ଖଣ୍ଡିଏ ବି ମିଳିପାରିନାହିଁ । ପ୍ରେପକା ଦୀନବନ୍ଧୁ ଗ୍ରାମରେ ଛେଳି ଚରାଇ ଦିନ କୁଲି ହିସାବରେ ପାଉଥିବା ୩୦୦ଟଙ୍କା ଓ ମାଆ ପର ଘରେ ବାସନ ମାଜି ଯେଉଁ ଟଙ୍କା ଆଣନ୍ତି ପରିବାର ଭରଣପୋଷଣକୁ ନିଅଣ୍ଟ । ପୁଅ ଓ ଝିଅର ଚିକିତ୍ସା କରିବେ କେମିତି ବୋଲି ଦୁଃଖରେ ଭାଙ୍ଗି ପଡ଼ିଛନ୍ତ । ସରକାର ଏହି ପରିବାରକୁ ସହାୟତା ଯୋଗାଇ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

ରାସ୍ତାରେ ରାଶି ଅମଳ କରିବା ପଡିଲା ମହଙ୍ଗା ଦୁର୍ଘଟଣାରେ ଅକାରଣ ରେ ଚାଲିଗଲା ଗୋଟିଏ ନିରୀହ ଜୀବନ

ଆସିକା (ମହାଭାରତ): ରାସ୍ତାରେ ରାଶି ଅମଳ ଯୋଗୁଁ ଦୁର୍ଘଟଣାରେ ଅକାରଣ ରେ ଚାଲି ଯାଇଛି ଗୋଟିଏ ନିରୀହ ଜୀବନ । ଘଟଣା ଟି ଘଟିଛି ଜାତୀୟ ରାଜପଥ ୧୫୭ ଆସିକା କଳିଙ୍ଗ ରୋଡ଼ ପାକଲାପଲ୍ଲୀ ଛକ ନିକଟରେ । ପ୍ରକାଶ ଥାଉକି ଆଜି ଦିନ ୧୨ଘ□ ସମୟରେ ହିଞ୍ଜିଳିକାଟୁ ଥାନା ଅଧୀନ ପୋଚିଲିମା ଗ୍ରାମର ଦଶାରୀ

ଇସ୍ରାଏଲର ବୈଜ୍ଞାନିକ ଗବେଷଣା କେନ୍ଦ୍ର ନଷ୍ଟ କଲା ଇରାନ

ଇରାନ-ଇସ୍ରାଏଲ ଯୁଦ୍ଧରେ ଥରୁଛି ମଧ୍ୟପ୍ରାଚ୍ୟ । ତୀବ୍ର ହେଉଛି ଇରାନ-ଇସ୍ରାଏଲ ଯୁଦ୍ଧ । ଜୋରଦାର ହେଉଛି ଆକ୍ରମଣ-ପ୍ରତି ଆକ୍ରମଣ । ଅଷ୍ଟମ ଦିନରେ ପହଞ୍ଚିଛି ଯୁଦ୍ଧ । ଇରାନର ନ୍ୟୁକ୍ଲିୟର ସାଇଟ ଉପରେ ଭୟଙ୍କର ଏୟାର ଷ୍ଟ୍ରାଇକ କରିଥିଲା ଇସ୍ରାଏଲ । ଏହାର ଜବାବ ଦେଇଛି ଇରାନ ।

ଇସ୍ରାଏଲ ଉପରେ ଭୟଙ୍କର ବୋମା ବର୍ଷା କରିଛି ଇରାନ । ଇସ୍ରାଏଲ ଉପରେ କ୍ଲଷ୍ଟର ବୋମା ବର୍ଷା କରିଛି । ପ୍ରଥମ ଥର ପାଇଁ କ୍ଲଷ୍ଟର ବୋମା ବ୍ୟବହାର କରିଛି ଇରାନ । ଜବାବରେ ଇସ୍ରାଏଲର ବୈଜ୍ଞାନିକ ଗବେଷଣା ଭିତ୍ତିଭୂମି ଓ ବୈଜ୍ଞାନିକମାନଙ୍କୁ ଟାର୍ଗେଟ୍ କରିଛି । ଇସ୍ରାଏଲର ବୈଜ୍ଞାନିକ ଗବେଷଣା କେନ୍ଦ୍ର କ୍ରାଉନ ଜୁଏଲ ଅଫ୍ ସାଇନ୍ସ ଉପରେ ମିସାଇଲ୍ ମାଡ଼ କରିଛି ଇରାନ ।

ଇରାନର ମିସାଇଲ୍ ଇସ୍ରାଏଲର ୱେଇଜମ୍ୟାନ୍ ସାଇନ୍ସ ଇନଷ୍ଟିଚ୍ୟୁଟ୍ ଉପରେ ଆଟାକ୍ କରିଥିଲା । ଏଥିରେ ଇନଷ୍ଟିଚ୍ୟୁଟର ଏକାଧିକ ଲ୍ୟାବ୍ ନଷ୍ଟ ହୋଇଯାଇଛି । ସଂସ୍ଥା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆକ୍ରମଣରେ ଦୁଇଟି ବିଲ୍ଡିଂକୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ।

ଇସ୍ରାଏଲରେ ହସ୍ପିଟାଲ ଉପରେ ବୋମା ମାଡ଼ କରିଛି ଇରାନ । ଇରାନକୁ ଏହାର ମୂଲ୍ୟ ଦେବାକୁ ହେବ ବୋଲି କହିଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ । ଦୁଇ ଦେଶ ପରସ୍ପର ଉପରେ ଭୟଙ୍କର ଆକ୍ରମଣ ଜାରି ରଖିଛନ୍ତି । ଗୋଟିଏ ସପ୍ତାହ ପରେ ବି ଯୁଦ୍ଧ ବନ୍ଦ ହେବା ଭଳି ସଂକେତ ନାହିଁ ।

ସେପଟେ ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ତିନିଟି ଦେଶର ଦୂତାବାସ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଛି । ଅଷ୍ଟ୍ରେଲିଆ, ସ୍ଲୋଭାକିଆ ଏବଂ ଚେକ୍ ରିପବ୍ଲିକ ସାମିଲ ରହିଛି ।

ଭାରତର ଟେନ୍‌ସନ ବଢ଼ାଇଲା ଚାଇନା

ନୂଆଦିଲ୍ଲୀ : ପାକିସ୍ତାନ ୪୦ଟି ଜେ-୩୫ ଫାଇଟର ଜେଟ୍ ସହ କେଜେ-୫୦୦ ଏୟାରବୋର୍ନ ଆର୍ଲି ୱାର୍ନିଂ ଆଣ୍ଡ୍ କଣ୍ଟ୍ରୋଲ ଏୟାରକ୍ରାଫ୍ଟ ଏବଂ ଏଚ୍‌କ୍ୟୁ-୧୯ ବାଲିଷ୍ଟିକ୍ ମିଶାଇଲ୍ ସିଷ୍ଟମ୍ କିଣିବାକୁ ଯାଉଛି ବୋଲି ସେଠାକାର ସରକାର ଚଳିତମାସରେ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ଭାରତରେ ହଇଚଇ ସୃଷ୍ଟି ହୋଇଛି । ଚାଇନା ପଞ୍ଚମ ପିଢ଼ିର ୪୦ ଶେନ୍‌ୟାଙ୍ଗ୍ ଜେ-୩୫ ପାକିସ୍ତାନକୁ ଦେବାକୁ ଯାଉଥିବାରୁ ଭାରତୀୟ ବାୟୁସେନାର ଅନେକ ଭେଟେରାନ୍ ଚିନ୍ତା ବ୍ୟକ୍ତ କରିଛନ୍ତି ।

ପ୍ରକାଶିତ ରିପୋର୍ଟ ଅନୁସାରେ ଚାଇନା ପକ୍ଷରୁ ପାକିସ୍ତାନକୁ ପ୍ରଥମ ଥର ପଞ୍ଚମ ପିଢ଼ିର ଅତ୍ୟାଧୁନିକ ଷ୍ଟିଲ୍‌ଥ ଫିଚର ଥିବା ଜେଟ୍ ଜେ-୩୫ ବିକ୍ରି କରାଯିବ । ଏହି ଜେଟ୍ ଶେନୟାଙ୍ଗ୍ ଏୟାରକ୍ରାଫ୍ଟ କର୍ପୋରେଶନ୍ ପକ୍ଷରୁ ବିକଶିତ କରାଯାଇଛି, ଯାହାକି ୨୦୨୪ରେ ଝୁହାଇ ଏୟାରଶୋ' ବେଳେ ପ୍ରଦର୍ଶନ କରାଯାଇଥିଲା । ଚାଇନା ସରକାରଙ୍କ ମୁଖପତ୍ର ଗ୍ଲୋବାଲ ଟାଇମ୍ସ ଜେ-୩୫କୁ ଆମେରିକାର ଏଫ୍-୩୫ ସହ ତୁଳନା କରିଛି । ପାକିସ୍ତାନ ନିକଟରେ ପୂର୍ବରୁ ୨୦ଟି ଚାଇନିଜ୍ ଜେ-୧୦ସି ଏବଂ ଜେଏଫ୍-୧୭ ଫାଇଟର୍ସ ରହିଥିବାବେଳେ ଚଳିତବର୍ଷ ଶେଷ ଆଡ଼କୁ ଷ୍ଟିଲ୍‌ଥ ଫାଇଟର ଜେଟ୍ ଅପରେଟିଂର ଏଲିଟ୍ କ୍ଲବ୍‌ରେ ଏହା ସାମିଲ ହେବାକୁ ଯାଉଛି ।

ଆଇଏଏଫ୍ ଫାଇଟର ପାଇଲଟ୍ ତଥା ପ୍ରତିରକ୍ଷା ବିଶେଷଜ୍ଞ ଗ୍ରୁପ୍ କ୍ୟାପ୍‌ଟେନ୍ (ଅବସରପ୍ରାପ୍ତ) ଅଜୟ ଅହଲୱାତ୍ ଏନେଇ କହିଛନ୍ତି, ଏହି ଘଟଣାକ୍ରମକୁ ନେଇ ବିସ୍ମିତ ହେବାର ନାହିଁ । କାରଣ ପାକିସ୍ତାନ ମନୋନୀତ ପାଇଲଟମାନେ ଚାଇନାରେ ୬ ମାସରୁ ଅଧିକ ସମୟ ଧରି ତାଲିମ ନେଉଛନ୍ତି । ପାକିସ୍ତାନୀ ବାୟୁସେନାରେ ଜେ-୩୫କୁ ସାମିଲ କରାଯିବା ପୂର୍ବରୁ ସେମାନଙ୍କୁ ଏହି ପ୍ରଶିକ୍ଷଣ ଦିଆଯାଉଛି । ଏହାର ଏଫ୍‌ସି-୩୧ ଭର୍ସନ ଜେ-୩୫ଠାରୁ ସାମାନ୍ୟ କମ୍ ସାମର୍ଥ୍ୟ ବହନ କରିଥାଏ । କେହି ସମ୍ପୂର୍ଣ୍ଣ ଭର୍ସନ ଦେଇ ନ ଥାନ୍ତି । ତେବେ ଏହା ଭାରତ ପାଇଁ ଚିନ୍ତାଜନକ ଖବର । ସ୍ୱାଧୀନତା ପରଠୁ ପାକିସ୍ତାନଠାରୁ ଆଗରେ ରହିବା ପାଇଁ ଯୁଦ୍ଧବିମାନ କିଣିବାରେ ଆମକୁ ଅନେକ ଲଢ଼େଇ କରିବାକୁ ପଡ଼ିଛି । ସେହିପରି ଏୟାର ମାର୍ଶାଲ (ଅବସରପ୍ରାପ୍ତ) ସଞ୍ଜୀବ କପୁର ମଧ୍ୟ ଏହି ଚ୍ୟାଲେଞ୍ଜକୁ ସ୍ୱୀକାର କରି କହିଛନ୍ତି, ଭାରତକୁ ନିଜସ୍ୱ ପ୍ଲାଟ୍‌ଫର୍ମରେ ନିର୍ମିତ ଯୁଦ୍ଧବିମାନ ଆବଶ୍ୟକ । ଆଇଏଏଫ୍‌କୁ ଏଏମ୍‌ସିଏ ସାମିଲ କରିବାପାଇଁ ଅନ୍ୟୂନ ୯ରୁ ୧୦ ବର୍ଷ ଲାଗିପାରେ । ଚାଇନାର ନୂଆ ଷ୍ଟିଲ୍‌ଥ ଫାଇଟରକୁ ଏକ 'ବ୍ଲାକ୍ ବକ୍ସ' ରୂପେ ବିବେଚନା କରାଯାଉଛି । କାରଣ ଏହାର ସାମର୍ଥ୍ୟ ସମ୍ପର୍କରେ ବିଶେଷ ତଥ୍ୟ ହସ୍ତଗତ ହୋଇନାହିଁ । ତେବେ ଏହାର ପ୍ରଦର୍ଶନକୁ ୟୁଏସ୍‌ର ଏଫ୍-୩୫ ସହ ସମତୁଲ୍ୟ ବୋଲି ମନେକରାଯାଏ । ଏପରି କି କେତେକେ ଏହାକୁ ଆମେରିକୀୟ ଜେଟ୍ ତୁଳନାରେ ଅଧିକ ତୀବ୍ରତର ବୋଲି କହୁଛନ୍ତି । ଜେ-୩୫ର ଦୁଇଟି ଭାରିଆଣ୍ଟ ରହିଛି । ଗୋଟିଏ ନୌସେନା ପାଇଁ ଉଦ୍ଦିଷ୍ଟ ଓ ଅନ୍ୟଟିକୁ ପାରମ୍ପରିକ ଗ୍ରାଉଣ୍ଡ-ବେସ୍‌ଡ ଅପରେଶନ୍ ଓ ଏକ୍ସପୋର୍ଟ ନିମନ୍ତେ ଡିଜାଇନ୍ କରାଯାଇଛି । ପାକିସ୍ତାନ ଦ୍ୱିତୀୟ ଭାରିଆଣ୍ଟର ଜେଟ୍ ପାଇବାକୁ ଯାଉଛି । ଏଥିରେ ଥିବା ଇନ୍‌ଫ୍ରାରେଡ୍ ସର୍ଚ୍ଚ-ଆଣ୍ଡ-ଟ୍ରାକ୍ ସିଷ୍ଟମ୍ ଯୋଗୁ ଜେ-୩୫କୁ ଆମେରିକୀୟ ଏଫ୍-୩୫ ଏବଂ ରୁଷୀୟ ଏସ୍ ?ୟୁ-୫୭ ସହ ତୁଳନା କରାଯାଇଥାଏ ।

ଦୁର୍ଘଟଣାରେ ଚାଲିଗଲା ୯ ଜୀବନ

ପଶ୍ଚିମବଙ୍ଗ : ପଶ୍ଚିମବଙ୍ଗ ପୁରୁଲିଆରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଦୁର୍ଘଟଣାରେ ୯ ଜଣଙ୍କ ମୃତ୍ୟୁ ହୋଇଛି । ଦୁର୍ଘଟଣା ପୁରୁଲିଆ-ଜାମସେଦପୁର ଜାତୀୟ ରାଜପଥ-୧୮ ସ୍ଥିତ ବଳରାମପୁର ଥାନା ଅଞ୍ଚଳରେ ନାମଶୋଲ ଅଞ୍ଚଳରେ ହୋଇଛି । ବୋଲେରୋ ଗାଡି ଏବଂ ଟ୍ରେଲର ମୁହାଁମୁହିଁ ଧକ୍କା ହେବା ଯୋଗୁଁ ଏଭଳି ଦୁର୍ଘଟଣା ଘଟିଛି । ସୂଚନା ମୁତାବକ, ବୋଲେରୋ ଗାଡିରେ ଥିବା ସମସ୍ତ ୯ ଜଣଙ୍କର ଜୀବନ ଚାଲିଯାଇଛି । ଝାଡ଼ଖଣ୍ଡର ତିଲାଇଡାଣ୍ଡରେ ଏକ ବିବାହ ଉତ୍ସବରେ ଯୋଗ ଦେଇ ଫେରୁଥିଲେ । ସେମାନଙ୍କ ଗାଡି ନାମଶୋଲ ନିକଟରେ ପହଞ୍ଚିବା ବେଳେ ଏକ ଟ୍ରେଲର ସାମ୍ନାକରୁ ଧକ୍କା ଦେଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ବୋଲେରୋ ଗାଡ଼ିରେ ଥିବା ସମସ୍ତେ ଚାପି ହୋଇଯାଇଥିଲେ । ସ୍ଥାନୀୟ ଲୋକ ତୁରନ୍ତ ପୋଲିସ ଏବଂ ଆମ୍ବୁଲାନ୍ସକୁ ସୂଚନା ଦେଇଥିଲେ । ଏହାପରେ ସମସ୍ତଙ୍କୁ ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଡାକ୍ତର ସମସ୍ତ ୯ ଜଣଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ପ୍ରଶାସନ ହସପିଟାଲରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି । ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ପୋଲିସ ଟ୍ରେଲରକୁ ଜବତ କରିଛି । ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ରହିଥିବା ବେଳେ ସିସିଟିଭି ଫୁଟେଜ ଆଧାରରେ ଯାଞ୍ଚ ହେବ ବୋଲି ପୋଲିସ କହିଛି ।

ମଦୁରାଇ ଯାଉଥିବା ଇଣ୍ଡିଗୋ ବିମାନରେ ଯାନ୍ତ୍ରିକ ତ୍ରୁଟି, ଅଧା ବାଟରୁ ଚେନ୍ନାଇ ଫେରିଲା ବିମାନ

ଚେନ୍ନାଇରୁ ମଦୁରାଇ ଯାଉଥିବା ଇଣ୍ଡିଗୋ ବିମାନ ଅଧା ବାଟରୁ ଫେରିଲା । ବିମାନରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅଧାବାଟରୁ ଫେରିଗଲା ବିମାନ । ଅଧଘଣ୍ଟା ଉଡ଼ାଣ ଭରିବା ପରେ ପାଇଲଟ ବିମାନରେ କିଛି ଯାନ୍ତ୍ରିକ ତ୍ରୁଟି ଥିବା ଅନୁମାନ କରିଥିଲେ । ତେଣୁ ଚେନ୍ନାଇ ଫେରାଇ ଆଣିବାକୁ ଅନୁମତି ମାଗିଥିଲେ । ଏହାପରେ ବିମାନକୁ ନିରାପଦ ଭାବେ ଅବତରଣ କରାଇବା ପରେ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଓହ୍ଲାଇଥିଲେ ।

ଖବର ମୁତାବକ, ଚେନ୍ନାଇରୁ ମଦୁରାଇ ଯାଉଥିବା ବିମାନରେ ଶୁକ୍ରବାର ମଝି ଆକାଶରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା । ଏହି କାରଣରୁ ଏହାକୁ ଚେନ୍ନାଇ ଫେରିବାକୁ ପଡ଼ିଥିଲା । ବିମାନବନ୍ଦର ଅଧିକାରୀମାନେ କହିଛନ୍ତି ଯେ, ପ୍ରାୟ ଅଧ ଘଣ୍ଟା ଉଡ଼ାଣ ପରେ ଇଣ୍ଡିଗୋ ଏୟାରଲାଇନ୍ସର ପାଇଲଟ୍ ବିମାନଟି ତ୍ରୁଟି ଜାଣିପାରିଥିଲେ ଏବଂ ଚେନ୍ନାଇ ଫେରିବା ଓ ଅବତରଣ ପାଇଁ ଅନୁମତି ମାଗିଥିଲେ । ଏହାପରେ ପ୍ରାୟ ୬୮ ଯାତ୍ରୀଙ୍କୁ ନେଇ ଯାଉଥିବା ବିମାନଟି ପରେ ଏଠାରେ ସୁରକ୍ଷିତ ଭାବରେ ଅବତରଣ କରିଥିଲା । ସମସ୍ତ ଯାତ୍ରୀଙ୍କୁ ବିମାନରୁ ଓହ୍ଲାଇ ଦିଆଯାଇଥିଲା । ଏ ବିଷୟରେ ଇଣ୍ଡିଗୋ ପକ୍ଷରୁ ତୁରନ୍ତ କୌଣସି ପ୍ରତିକ୍ରିୟା ମିଳିନାହିଁ ।

ସୂଚନାଯୋଗ୍ୟ, ଏହା ପୂର୍ବରୁ ଜୁନ୍ ୧୭ ତାରିଖରେ କେରଳର କୋଚିରୁ ଦିଲ୍ଲୀ ଆସୁଥିବା ଇଣ୍ଡିଗୋ ବିମାନ ୬ଇ-୨୭୦୬କୁ ନାଗପୁରରେ ଜରୁରୀକାଳୀନ ଅବତରଣ କରିବାକୁ ପଡ଼ିଥିଲା । ବିମାନକୁ ବୋମା ଧମକ ମିଳିବା ପରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଏଭଳି ନିଷ୍ପତ୍ତି ନିଆଯାଇଥିଲା । ସେହିପରି ଜୁନ୍ ୧୯ରେ ସ୍ପାଇସଜେଟ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ମଝଇ ଆକାଶରୁ ଫେରିଥିଲା ବିମାନ । ସୂଚନାଯୋଗ୍ୟ, ଅହମ୍ମଦାବାଦ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ପରଠାରୁ ଲଗାତର ଭାବେ ଏୟାର ଇଣ୍ଡିଆ ସମେତ ଅନ୍ୟ ଏୟାରଲାଇନ୍ସର ଏକାଧିକ ବିମାନରେ ଯାନ୍ତ୍ରିକ ତ୍ରୁଟି ଖବର ସାମ୍ନାକୁ ଆସୁଛି । ଅହମଦାବାଦ ଦୁର୍ଘଟଣାରେ ୨୪୧ ଜଣ ଯାତ୍ରୀଙ୍କର ଜୀବନ ଚାଲିଯାଇଥିଲା । ଯାହାକୁ ନେଇ ଲୋକେ ବିମାନ ଯାତ୍ରାକୁ ଅସୁରକ୍ଷିତ ମଣିବାସହ ଯାତ୍ରା କରିବାକୁ ଭୟ କରୁଛନ୍ତି ।

ଆଉ ନାହିଁ ରଣଥମ୍ବୋରର ଲୋକପ୍ରିୟ ବାଘୁଣୀ 'ଆରୋହେଡ'



ଆଉ ନାହିଁ ରଣଥମ୍ବୋରର ଲୋକପ୍ରିୟ ବାଘୁଣୀ ଆରୋହେଡ । କୁମ୍ଭୀର ଶିକାର କରୁଥିବା ରଣଥମ୍ବୋରର ବାଘୁଣୀ 'ଆରୋହେଡ୍'ର ମୃତ୍ୟୁ ହୋଇଛି । ସେ ପ୍ରସିଦ୍ଧ ଶିକାରୀ ବାଘୁଣୀ 'ମଛଲି' ପରିବାରର ଥିଲା ଏବଂ ସମ୍ପ୍ରତି ବହୁତ ପ୍ରସିଦ୍ଧ ହୋଇଥିଲେ । ଆରୋହେଡ୍ ଟି-୮୪ ନାମରେ ମଧ୍ୟ ଜଣାଶୁଣା ଏବଂ ପ୍ରାୟ ୧୧ ବର୍ଷ ବୟସର ଥିଲା । ଅଧିକାରୀମାନେ କହିଛନ୍ତି ଯେ ଆରୋହେଡ୍ ବାଘୁଣୀ ଫେବୃଆରୀ ୨୦୧୪ରେ ଜନ୍ମ ହୋଇଥିଲା । ସେ ରଣଥମ୍ବୋର ପାର୍କର ପ୍ରସିଦ୍ଧ ବାଘୁଣୀ 'ମଛଲି' ପରିବାରର ଥିଲା । ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ଆରୋହେଡ୍ ମସ୍ତିଷ୍କ ଟ୍ୟୁମର ଯୋଗୁଁ ମୃତ୍ୟୁବରଣ କରିଛି । ପ୍ରକୃତରେ, କିଛିଦିନ ପୂର୍ବରୁ ବାଘୁଣୀ ଆରୋହେଡ୍ ଆଲୋଚନାର ବିଷୟ ପାଲଟିଥିଲା । ଆରୋହେଡ୍ ଏକ ଜଳଭଣ୍ଡାରରେ କୁମ୍ଭୀର ଶିକାର କରିଥିଲା । ଏହି ଘଟଣାର ଭିଡିଓ ମଧ୍ୟ ଭାଇରାଲ ହୋଇଥିଲା । ଶିକାର ଦକ୍ଷତା ଯୋଗୁଁ ବାଘୁଣୀ ??'ରଣଥମ୍ବୋରର ରାଣୀ' ଏବଂ 'ମଗର ଶିକାରୀ' ଭାବରେ ଜଣାଶୁଣା ଥିଲା ।

ଗୁରୁବାର ଦିନ ରଣଥମ୍ବୋର ବନ ଅଧିକାରୀ ଏବଂ ଅନ୍ୟମାନେ ଆରୋହେଡ୍ ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ତା'ପରେ ତାର ଅନ୍ତିମ ସଂସ୍କାର କରିଥିଲେ । ସୂଚନା ଅନୁଯାୟୀ, ଆରୋହେଡ୍ ମୋଟ ୪ଥର ମା ହୋଇ ୧୦ଟି ଛୁଆଙ୍କୁ ଜନ୍ମ ଦେଇଥିଲା । ଏଥିମଧ୍ୟରୁ ୬ଟି ଏବେ ବି ଜୀବିତ ଅଛି । ଆରୋହେଡ୍ ଶେଷ ଥର ପାଇଁ ୨୦୨୩ ମସିହାରେ ମା ହୋଇଥିଲା ।

ଜଣେ ଅଧିକାରୀ କହିଛନ୍ତି ଯେ ଗୁରୁବାର ସକାଳେ ଆରଟିଆର ଜୋନ୍ ୨ରେ ଆରୋହେଡକୁ ମୃତ ଅବସ୍ଥାରେ ପାଇଥିଲେ । ବନ ବିଭାଗ ତାଙ୍କ ସନ୍ତାନ କନାକାତିଙ୍କୁ ପାର୍କରୁ ବାହାରକୁ ନେଇଯିବାର କିଛି ଦିନ ପରେ ଆରୋହେଡ୍ ମୃତ୍ୟୁବରଣ କରିଥିଲେ । ସେ ଦୀର୍ଘ ଦିନ ଧରି ଅସୁସ୍ଥ ମଧ୍ୟ ଥିଲେ ।

ଆସିଲା ଏଚଆଇଭି ପ୍ରତିରୋଧକ ଇଞ୍ଜେକ୍ସନ

ଆସିଲା ଏଚଆଇଭି ପ୍ରତିରୋଧକ ଇଞ୍ଜେକ୍ସନ । ବିଶ୍ୱର ପ୍ରଥମ ଐଓଠ ପ୍ରତିରୋଧକ ଇଞ୍ଜେକ୍ସନକୁ ଆମେରିକା ରଉଓର ମଞ୍ଜୁରୀ । ବର୍ଷକୁ ଏହି ପ୍ରତିଷେଧକ ଇଂଜେକ୍ସନର ଦୁଇଟି ଡୋଜ ନେବାକୁ ପଡ଼ିବ । ଐଓଠ ପ୍ରତିରୋଧକ କ୍ଷେତ୍ରରେ ଏହା ଏକ ମାଇଲଷ୍ଟୋନ । ଆମେରିକୀୟ ଖାଦ୍ୟ ଓ ଔଷଧ ପ୍ରଶାସନ -ଉଉଇ ଲେନାକାପାଭିର ନାମକ ଇଂଜେକ୍ସନକୁ ଅନୁମୋଦନ ଦେଇଛି । ଯାହା ଏଜ ଟୁଗୋ ବ୍ରାଣ୍ଡ ନାମରେ ଜଣାଶୁଣା । ଏଚଆଇଭି ପ୍ରତିରୋଧରେ କ୍ଲିନିକାଲ ଟ୍ରାଏଲରେ ଏଜଟୁଗୋ ଭଲ ଫଳାଫଳ ଦେଖାଇଛି ।

ଏସକ୍ଷରବୟ ଝମସରଭମରଷ୍ମ ଦ୍ୱାରା ବିକଶିତ ଏହି ଇଞ୍ଜେକ୍ସନ ବର୍ଷକୁ ଦୁଇ ଥର ନେବାକୁ ପଡ଼ିବ । ଲେନାକାପାଭିର ଇଞ୍ଜେକସନ ନେବା ଦ୍ୱାରା ଏଚଆଇଭି ସଂକ୍ରମଣରୁ ଶତପ୍ରତିଶତ ବର୍ତ୍ତିପାରିବେ । ଏହି ଇଞ୍ଜେକସନ ଏଚଆଇଭି ଭୂତାଣୁକୁ ଦମନ କରିବା ସହ ଭାଇରସର ମ୍ୟୁଟେସନକୁ ରୋକିବାକୁ ସକ୍ଷମ । ଶରୀରରେ ଏହାର ପ୍ରଭାବ ୬ମାସ ପର୍ଯ୍ୟନ୍ତ ରହିଥାଏ । ଏଚଆଇଭି ସଂକ୍ରମିତଙ୍କୁ ଲେନାକାପାଭିର ଇଞ୍ଜେକସନ ପାଇଁ ୨୦୨୨ରେ ଅନୁମୋଦନ କରିଥିଲା ଉଉଇ ।

ଅଙ୍କଲ ପ୍ରେମରେ ବାୟା ହୋଇ ଛୁଆକୁ କଲା ବାପ ଛେଉଣ୍ଡ

ଅଲୱାରରେ ବନ୍ଧା ହେଲା ଆଉ ଜଣେ ସୋନମ । ଅଙ୍କଲ ପ୍ରେମରେ ବାୟା ହୋଇ ଛୁଆକୁ କଲା ବାପ ଛେଉଣ୍ଡ । ଆଜ୍ଞା ହଁ, ପୁଣି ଥରେ ରାଜସ୍ଥାନରୁ ଆସିଛି ଛାତି ଥରା ଘଟଣା । କିଛିଦିନ ପୂର୍ବରୁ ଘଟିଥିବା ସୋନମ ରଘୁବଂଶୀ ଘଟଣା ଏବେବି ଚର୍ଚ୍ଚାରେ ଥିବା ବେଳେ ପୁଣି ଜଣେ ସୋନମ ଉଭା ହୋଇଛନ୍ତି । ରାକ୍ଷସୀ ସାଜି ନିଜ ୯ ବର୍ଷର ପୁଆ ଆଗରେ ସ୍ୱାମୀଙ୍କୁ କରିଛନ୍ତି ହତ୍ୟା । ଲାଗୁଛି ଯେପରି ସୋନମଙ୍କ ଠାରୁ ପ୍ରେରଣା ସାଉଁଟି ଥିଲେ । ଇନ୍ଦୋରର ରାଜା ରଘୁବଂଶୀଙ୍କୁ ନିଜ ହନିମୁନରେ ତାଙ୍କ ପତ୍ନୀ ସୋନମ ପ୍ରେମିକଙ୍କ ସହ ମିଶି ହତ୍ୟା କରିଥିଲେ । ଏବେ ରାଜସ୍ଥାନର ଅଲୱାରରେ ସେହିଭଳି ଏକ ଘୃଣ୍ୟ ଏବଂ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି । ଗୋଟିଏ ନଅ ବର୍ଷର ଶିଶୁ ପୋଲିସକୁ ଖୋଲି କହିଛି ତାଙ୍କ ବାପାଙ୍କର ମର୍ଡର ହିଷ୍ଟ୍ରୀ । ରାଜସ୍ଥାନର ଅଲୱାର ଜିଲ୍ଲାର ଖେରଲି ଅଞ୍ଚଳରେ ଜୁନ୍ ୭ ତାରିଖ ରାତିରେ ଏହି ଘଟଣା ସାମ୍ନାକୁ ଆସିଛି । ନିଜ ପୁଅ ଆଗରେ ପତ୍ନୀ ଅନିତା ତାଙ୍କ ସ୍ୱାମୀ ବିରୁ ଓରଫ ମାନସିଂହ ଜାଟଭଙ୍କୁ ହତ୍ୟା କରିଛି ।

ପ୍ରଥମେ ଅନିତା ତା' ପ୍ରେମିକର ସାହାଯ୍ୟ ନେଇ ସ୍ୱାମୀଙ୍କୁ ହତ୍ୟା କଲେ । ପରେ ସ୍ୱାମୀ ଅସୁସ୍ଥ ଥିବା କହି ତାଙ୍କ ମୃତ୍ୟୁକୁ ଏଡାଇବାକୁ ଚେଷ୍ଟା କରିଥିଲେ କିନ୍ତୁ ୪୮ଘଣ୍ଟା ପରେ ତାଙ୍କ ପୁଅ ସତ୍ୟକୁ ସାମ୍ନାକୁ ଆଣିଥିଲା । ଏହି ଘଟଣା ପରେ ଲୋକମାନେ ଅଲୱାରର ଅନିତାଙ୍କୁ 'ସୋନମ୍-୨' ବୋଲି ଡାକିବା ଆରମ୍ଭ କରିଛନ୍ତି ।

ଅନିତା ସେହି ରାତିରେ ଜାଣିଶୁଣି ଘରର ମୁଖ୍ୟ ଦ୍ୱାର ଖୋଲା ରଖିଥିଲେ । ରାତି ପ୍ରାୟ ୧୨ଟାରେ, ଚାରି ଜଣ ଲୋକ ଘରେ ପ୍ରବେଶ କରିଥିଲେ । ସେମାନଙ୍କ ମମଧ୍ୟରୁ ଜଣେ ପିଲାଟିର ପରିଚିତ ଥିଲେ । ଯାହାଙ୍କୁ ତାଙ୍କ ମା 'କାଶୀ ମାମୁଁ' ବୋଲି ପରିଚୟ ଦେଇଥିଲେ । ପରେ ଅଲୱର ପୋଲିସ ତାଙ୍କୁ ଅନିତାର ଅଭିଯୁକ୍ତ ପ୍ରେମିକ କାଶୀରାମ ପ୍ରଜାପତ ବୋଲି ଚିହ୍ନଟ କରିଛି । ପିଲାଟିର କହିବା ଅନୁଯାୟୀ, 'ମୁଁ ଗେଟ ଖୋଲିବା ଶବ୍ଦ ଶୁଣିଲି ତା'ପରେ ଦେଖିଲି ଯେ ମମି ଗେଟ୍ ଖୋଲିଛନ୍ତି । କାଶୀ ଅଙ୍କଲ ଏବଂ ଚାରି ଜଣ ଲୋକ ବାହାରେ ଠିଆ ହୋଇଥିଲେ । ସେମାନେ ସମସ୍ତେ ଆମ ରୁମକୁ ଆସିଲେ । ମୁଁ ଦେଖିଲି ମମି ବିଛଣା ଆଗରେ ଛିଡା ହୋଇଥିଲେ । ସେହି ଲୋକମାନେ ମୋ ପାପାଙ୍କୁ ପିଟି ଚାଲୁଥିଲେ, ତାଙ୍କ ଗୋଡ଼ ମୋଡ଼ି ଦେଇଥିଲେ । ଏକ ତକିଆରେ ପାପାଙ୍କ ପାଟିକୁ ବନ୍ଦ କରି ଦେଇଥିଲେ । କାଶୀ ଅଙ୍କଲ ହିଁ ମୋ ପାପାଙ୍କୁ ମାରିଛନ୍ତି । ମୁଁ ସବୁକିଛି ଦେଖିଛି । ଯେତେବେଳେ ମୁଁ ପାପାଙ୍କ ଆଡ଼କୁ ହାତ ବଢ଼ାଇଲି, କାଶୀ ଅଙ୍କଲ ମୋତେ ଉଠାଇ ଧମକାଇ ଥିଲେ । ମୁଁ ଭୟରେ ଚୁପ୍ ହୋଇଗଲି । କିଛି ସମୟ ପରେ ପାପା ମରିଗଲେ ଆଉ ସେମାନେ ସମସ୍ତେ ଚାଲିଗଲେ ।

ପୋଲିସ ତଦନ୍ତରୁ ଜଣାପଡ଼ିଛି, ଅନିତା ଏବଂ କାଶୀରାମଙ୍କ ମଧ୍ୟରେ ଅବୈଧ ସମ୍ପର୍କ ଥିଲା । ଅନିତା ଖେରଲିରେ ଏକ ଜେନେରାଲ ଷ୍ଟୋର ଚଳାଉଥିବା ବେଳେ ପ୍ରେମିକ କାଶୀରାମ କଚୋରି ବିକ

ଯଶସ୍ୱୀ-ଗିଲ୍‌ଙ୍କ ଶତକ : ଭାରତ ୩୫୯/୩

ହେଡିଙ୍ଗଲେ, ୨୦।୬: ହେଡିଙ୍ଗଲେ ଟେଷ୍ଟର ପ୍ରଥମ ଦିନରେ ଭାରତୀୟ ବ୍ୟାଟ୍ସମ୍ୟାନମାନେ ଲଢୁଅ। ବ୍ୟାଟିଂର ପ୍ରଦର୍ଶନ କରି ଦଳର ସ୍ଥିତିକୁ ଅତ୍ୟନ୍ତ ମଝବୁତ କରିଛନ୍ତି। ପ୍ରଥମ ଦିନରେ ହିଁ ଭାରତର ଦୁଇ ଜଣ ବ୍ୟାଟ୍ସମ୍ୟାନ ଶତକ ଅର୍ଜନ କରି ଏକ ବିଶାଳ ସ୍କୋର ପାଇଁ ସ୍ଥିତି ଅନୁକୂଳ କରିଛନ୍ତି। ଆଜି ପ୍ରଥମେ ଯଶସ୍ୱୀ ଜୟସ୍ୱାଲ ଶତକ ଅର୍ଜନ କରିବା ପରେ ଅଧିନାୟକ ଶୁଭମନ ଗିଲ ମଧ୍ୟ ଏକ ଲଢୁଅ। ଶତକ ହାସଲ କରିଛନ୍ତି ।ସର୍ବଶେଷ ସୂଚନା ଅନୁସାରେ ଭାରତ ୩ ୱିକେଟ ହରାଇ ୩୫୯

ପ୍ରଥମ ମ୍ୟାଚରେ ଫେଲ୍ ହେଲେ ସୁଦର୍ଶନ

ରନ କରିଛି । ଶୁଭମନ ୧୨୭ ରନ ଓ ଋଷଭ ପନ୍ତ ୬୫ ରନରେ ଖେଳୁଛନ୍ତି ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ବ୍ୟାଟର ଆରମ୍ଭରୁ ହିଁ ଦମଦାର ପ୍ରଦର୍ଶନ କରିଥିଲେ। ଇଂଲଣ୍ଡ ବୋଲରଙ୍କୁ ମ୍ୟାଚରେ କମ୍‌ବ୍ୟାକ୍ କରିବାର ସୁଯୋଗ ଦେଇନଥିଲେ। ତିନୋଟି ଯାକ ସେସନରେ ଭାରତର ଦବଦବା ରହିଥିଲା। ଭାରତ ପାଇଁ ଓପନର ଯଶସ୍ୱୀ ଜୟସ୍ୱାଲ ଓ ଅଧିନାୟକ ଗିଲ୍ ଶତକ ହାସଲ କରିଥିଲେ। ଯଶସ୍ୱୀ ଏବଂ କେଏଲ ରାହୁଲ ଭାରତ ପାଇଁ ଇନିଂସ ଓପନ କରିଥିଲେ ଏବଂ

ଦଳକୁ ଏକ ଦମଦାର ଆରମ୍ଭ ଦେଇଥିଲେ। ଉଭୟ ବ୍ୟାଟର ପ୍ରଥମ ୱିକେଟ୍ ପାଇଁ ୯୧ ରନ୍ ପାର୍ଟନରଶିପ୍ କରିଥିଲେ।ବ୍ରାଇଡନ୍ କାର୍ସେ ରାହୁଲଙ୍କୁ ଆଉଟ୍ କରି ଇଂଲଣ୍ଡକୁ ପ୍ରଥମ ସଫଳତା ମିଳିଥିଲା । ରାହୁଲ ୪୨ ରନ୍ କରିବା ପରେ ଆଉଟ୍ ହୋଇଥିଲେ । ଏହା ପରେ ଡେବ୍ୟୁ ମ୍ୟାଚ୍ ଖେଳୁଥିବା ସାଇ ସୁଦର୍ଶନ ଖାତା ନଖୋଲି ଆଉଟ୍ ହୋଇଥିଲେ। ଲଞ୍ଚ୍ ବିରତି ପରେ ଶୁଭମନ୍ ବ୍ୟାଟିଂ କରିବାକୁ ଆସିଥିଲେ। ଦ୍ୱିତୀୟ ସେସନ୍‌ରେ ଗିଲ୍ ଏବଂ ଯଶସ୍ୱୀ ଇଂଲଣ୍ଡକୁ କୌଣସି ସଫଳତା ଦେଇ ନଥିଲେ। ଯଶସ୍ୱୀ ଜୋରଦାର ବ୍ୟାଟିଂ କରି ଇଂଲଣ୍ଡରେ ତାଙ୍କର ପ୍ରଥମ ମ୍ୟାଚ୍‌ରେ ଶତକ ହାସଲ କରିଥିଲେ। ଏହା ତାଙ୍କର କ୍ୟାରିଅରର ୫ମ ଶତକ। ତେବେ ବେନ୍ ଷ୍ଟୋକ୍ସ ଯଶସ୍ୱୀଙ୍କୁ ଆଉଟ୍ କରି ଗିଲ୍ ଏବଂ ଯଶସ୍ୱୀଙ୍କ ମଧ୍ୟରେ ହୋଇଥିବା ଭାଗିଦାରୀକୁ ଭାଙ୍ଗିଥିଲେ। ଯଶସ୍ୱୀ ୧୦୧ ରନ୍ କରିବା ପରେ ଆଉଟ୍ ହୋଇ ଫେରିଥିଲେ। ଉଭୟଙ୍କ ମଧ୍ୟରେ ୧୨୯ ରନ୍‌ରେ ଭାଗିଦାରୀ ହୋଇଥିଲା। ଏହା ପରେ ପନ୍ତ ଓ ଗିଲ୍ ରନ ବଢାଇବା ଦାୟିତ୍ୱ ନେଇଥିଲେ। ଉଭୟ ବ୍ୟାଟର ଚମତ୍କାର ବ୍ୟାଟିଂ କରିଥିଲେ ଏବଂ ଦିନର ଖେଳ ଶେଷ ପର୍ଯ୍ୟନ୍ତ ଇଂଲଣ୍ଡକୁ କୌଣସି ସଫଳତା ଦେଇନଥିଲେ। ଗିଲ୍ ଏବଂ ପନ୍ତ ଏପର୍ଯ୍ୟନ୍ତ ଚତୁର୍ଥ ୱିକେଟ୍ ପାଇଁ ୧୩୮ ରନ୍ ଯୋଡ଼ିଛନ୍ତି । ଗିଲ୍‌ଙ୍କର ଏହା କ୍ୟାରିଅରର ୬ଷ୍ଠ ଶତକ। ଦ୍ୱିତୀୟ ଦିନରେ ଉଭୟ ଭାରତକୁ ଏକ ମଜବୁତ ସ୍ଥିତିକୁ ନେଇଯିବାକୁ ଚେଷ୍ଟା କରିବେ। ଇଂଲଣ୍ଡ ପାଇଁ ଷ୍ଟୋକ୍ସ ଦୁଇଟି ୱିକେଟ୍ ଏବଂ କାର୍ସେ ଗୋଟିଏ ୱିକେଟ୍ ନେଇଛନ୍ତି।

ଏହି ମ୍ୟାଚ୍‌ରେ ଖେଳାଳିମାନେ ହାତରେ କଳା ପଟି ବାନ୍ଧିଛନ୍ତି। ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ସମସ୍ତ ଖେଳାଳି କଳାପଟି ବାନ୍ଧିଛନ୍ତି। ଏହାସହ ମୃତକଙ୍କ ଆତ୍ମାର ଶାନ୍ତି ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା ମଧ୍ୟ କରାଯାଇଥିଲା। ମ୍ୟାଚ ଆରମ୍ଭ ହେବା ପୂର୍ବରୁ ଷ୍ଟାଡିୟମରେ ଉଭୟ ଦେଶର ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା ଏହି ସମୟରେ ଭାରତ ଏବଂ ଇଂଲଣ୍ଡର ସମସ୍ତ ଖେଳାଳି ହାତରେ କଳା ପଟି ପିନ୍ଧିଥିବା ଦେଖାଯାଇଥିଲା ।ଭାରତୀୟ ଦଳ ଏହି ମ୍ୟାଚରେ ସାଇ ସୁଦର୍ଶନଙ୍କୁ ଡେବ୍ୟୁ କରିବାର ସୁଯୋଗ ଦେଇଛିଫ କରୁଣ ନାୟାରଙ୍କୁ ମଧ୍ୟ ପ୍ଲେଇଂ ଇଲେଭେନରେ ସାମିଲ କରାଯାଇଛି । ଏହି ଖେଳାଳିଙ୍କୁ ୨୦୧୭ ପରେ ପ୍ରଥମ ଥର ପାଇଁ ଟେଷ୍ଟ ଖେଳିବାର ଦେଖାଯିବଫ ବଡ଼ ଖବର ହେଉଛି ନୀତିଶ ରେଡ୍ଡୀ, କୁଲଦୀପ ଯାଦବଙ୍କ ଭଳି ଖେଳାଳି ପ୍ଲେଇଂ ଇଲେଭେନରୁ ବାଦ୍ ପଡ଼ିଛନ୍ତି।

ହକି ଇଣ୍ଡିଆ ମାଷ୍ଟର୍ସ କପ୍

ଓଡ଼ିଶା ପୁରୁଷ ଜିତିଲେ, ମହିଳା ହାରିଲେ

ଭୁବନେଶ୍ୱର, ୨୦।୬: ତାମିଲନାଡୁରେ ଚାଲିଥିବା ପ୍ରଥମ ହକି ଇଣ୍ଡିଆ। ମାଷ୍ଟର୍ସ ଲିଗ୍‌ରେ ଗୁରୁବାର ଓଡ଼ିଶାକୁ ମିଶ୍ର ସଫଳତା ମିଳିଛି ଓଡ଼ିଶା ପୁରୁଷ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଥିଲା ବେଳେ ମହିଳା ଦଳ ପରାଜୟ ବରଣ କରିଛି ଲାଜରୁସ ବାର୍ଲାଙ୍କ ନେତୃତ୍ୱାଧୀନ ଓଡ଼ିଶା ପୁରୁଷ ଦଳ ୬-୩ ଗୋଲ୍‌ରେ ପୁଡୁଚେରୀକୁ ପରାସ୍ତ କରିଛି ଓଡ଼ିଶା ପ୍ରଥମ କ୍ୱାର୍ଟର ଗୋଲ୍‌ଶୂନ୍ୟରେ ଶେଷ ହେବା ପରେ ଦ୍ୱିତୀୟ କ୍ୱାର୍ଟରରେ ଏମ୍ ହରିକ୍ରିଷ୍ଣନ୍ (୧୭ ମିନିଟ୍)ଙ୍କ ଗୋଲ୍‌ରେ ପୁଡୁଚେରୀ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା ୧୯ତମ ମିନିଟ୍‌ରେ ଲାଜରୁସ ଗୋଲ୍‌ଟି ଶୁଝି ସ୍ଥିତି ସମାନ କରିଥିଲେ ୨୩ତମ ମିନିଟ୍‌ରେ ବି ଅଧିକେଶବନଙ୍କ ଗୋଲ୍‌ରେ ପୁଣି ପୁଡୁଚେରୀ ଆଗୁଅ। ହୋଇଥିଲା ଏହାପରେ ଶାନ୍ତିଏଲ୍ ମୁଣ୍ଡୁ (୩୨, ୪୧, ୪୩ ମିନିଟ୍)ଙ୍କ ହ୍ୟାଟ୍ରିକ୍ ଏବଂ ଲାଧୁ ଏକ୍କା (୫୨ ମିନିଟ୍)ଙ୍କ ଗୋଲ୍‌ରେ ଓଡ଼ିଶା ୬-୨ରେ ଆଗୁଅ। ହୋଇଥିଲା ୫୮ତମ ମିନିଟ୍‌ରେ ପୁଡୁଚେରୀର ଦେଲ୍ଲାଗଣେଶ ଗୋଟିଏ ଗୋଲ୍ ଶୁଝିଥିଲେ ।

ଲୁସେଲା ଏକ୍କାଙ୍କ ନେତୃତ୍ୱାଧୀନ ମହିଳା ଦଳ ୧-୩ ଗୋଲ୍‌ରେ ପଞ୍ଜାବଠୁ ହାରିଯାଇଛି ପଞ୍ଜାବର ସଙ୍ଗୀତା ମିଞ୍ଜ (୩ ମିନିଟ୍), ଅଧିନାୟିକା ଅମନଦୀପ କେର (୫ ମିନିଟ୍), ନୀତି (୨୬ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ ୫୦ତମ ମିନିଟ୍‌ରେ ଓଡ଼ିଶାର ରଞ୍ଜିତା ବେକ୍ ଗୋଟିଏ ଗୋଲ୍ ଶୁଝି ପରାଜୟ ବ୍ୟବଧାନକୁ କମାଇଥିଲେ।

ସଚିନଙ୍କୁ ରୋକିଥିଲା ପୋଲିସ୍

ଲିଡ୍ସ, ୨୦।୬: ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ଟେଷ୍ଟ ଲିଡ୍ସରେ ଆରମ୍ଭ ହୋଇଯାଇଛି। ଏହାପୂର୍ବରୁ ସଚିନ ତେନ୍ଦୁଲକର ଏକ ବଡ଼ ଗୁମର ଖୋଲିଛନ୍ତି ।ତାଙ୍କୁ ଲିଡ୍ସ ଯାଉଥିବା ସମୟରେ ପୋଲିସ ଧରି ପଚରାଉଚରା କରିଥିଲା।

ଭାରତୀୟ କ୍ରିକେଟ ଦଳ ଲିଡ୍ସରେ ୭ଟି ଟେଷ୍ଟ ଖେଳିଛି, ଯେଉଁଥିରୁ ୪ଟି ହାରିଛି ଏବଂ ୨ଟି ଜିତିଛି ।ଗୋଟିଏ ମ୍ୟାଚ୍‌ରୁ ଫଳାଫଳ ଆସିନି ଲିଡ୍ସ ସହିତ ଜଡିତ ଏହି କାହାଣୀ ସଚିନ ନିଜେ ବଖାରିଛନ୍ତି, ଯାହା ବର୍ତ୍ତମାନର ନୁହେଁ ବରଂ ବହୁ ବର୍ଷ ପୂର୍ବର ବର୍ତ୍ତମାନ ଭାରତୀୟ ଦଳରେ ସାମିଲ ଥିବା ଖେଳାଳିମାନଙ୍କ ମଧ୍ୟରୁ କେହି ଜନ୍ମ ହୋଇ ନ ଥିବେ, ଏହା ସେହି ସମୟର କାହାଣୀ।

ସଚିନ ଏକ ଭିଡିଓରେ ଏହି ମଜାଦାର କାହାଣୀ ବର୍ଣ୍ଣନା କରିଥିଲେ ସେ କହିଥିଲେ, ୧୯୯୨ରେ ଯେତେବେଳେ ସେ ୟର୍କସାୟାର କ୍ଲବର ଅଂଶ ଥିଲେ, ସେ ଏକ ମ୍ୟାଚ ଖେଳିବା ପାଇଁ ନ୍ୟୁକାସଲ ଯାଇଥିଲେ। ମ୍ୟାଚ ପରେ, ସେ ରାତିରେ ନ୍ୟୁକାସଲରୁ ଲିଡ୍ସ ଫେରୁଥିଲେ, ତାଙ୍କ ସାଥୀ ଜତୀନ ପରାଞ୍ଜପେ ମଧ୍ୟ ତାଙ୍କ ସହିତ ଥିଲେ। ସଚିନ ସେହି ସମୟରେ ୟର୍କସାୟାର କ୍ଲବ ଦ୍ୱାରା ଦିଆଯାଇଥିବା ଏକ କାରରେ ଆସୁଥିଲେ।ସେତେବେଳେ ଅନେକ ସ୍ଥାନରେ ରାସ୍ତା କାମ ଚାଲିଥିଲା ରାତି ବହୁତ ହୋଇଯାଇଥିଲା, ତେଣୁ ସେ ଆଗକୁ ଯାଉଥିବା ପୋଲିସ ଗାଡ଼ିକୁ ଅନୁସରଣ କରିବାକୁ ନିଷ୍ପତ୍ତି ନେଇଥିଲେ, ଯାହା ଦ୍ୱାରା କୌଣସି ଅସୁବିଧା ନ ହୁଏ କିନ୍ତୁ କିଛି ସମୟ ପରେ, ପୋଲିସ ତାଙ୍କୁ ହାତ ଦ୍ୱାରା ସଙ୍କେତ ଦେଇଥିଲେ, ଯାହାକୁ ସଚିନ ବୁଝି ନ ପାରି ହେଡଲାଇଟ ମାରିଥିଲେ।

ସଚିନ ଆହୁରି କହିଥିଲେ ଯେ, ଏହା ପରେ, ପୋଲିସ ତାଙ୍କୁ ଅଟକିବାକୁ କହିଥିଲା, ତେଣୁ ସେ କାରକୁ ସାଇଡରେ ରଖିଥିଲେ ପରେ ପୋଲିସ ତାଙ୍କୁ କହିଥିଲା ଯେ, ଗାଡିର ଗତି ଘଣ୍ଟା ପ୍ରତି ୫୦ ମାଇଲ ଏବଂ ତୁମେ ଘଣ୍ଟା ପ୍ରତି ୬୦ ମାଇଲ ବେଗରେ ଗାଡି ଚଲାଉଛ ସଚିନ ବୁଝିପାରିଲେ ଯେ ପୋଲିସ ଗାଡ଼ି ମଧ୍ୟ ଦ୍ରୁତ ଗତିରେ ଚାଲୁଛି, ଯାହା ଯୋଗୁ ସେ ମଧ୍ୟ ଏହି ଭୁଲ କରିଥିଲେ।

ସଚିନ ପୋଲିସ ଅଧିକାରୀଙ୍କୁ ଏହା ବୁଝାଇଲେ ଏବଂ କହିଲେ ଯେ ସେ ଏହି ଭୁଲ କାହିଁକି କରିଛନ୍ତି ଯେତେବେଳେ ପୋଲିସ ସଚିନଙ୍କ କାରରେ ୟର୍କସାୟାର ଲୋଗୋ ଦେଖିଲା, ସେମାନେ ପଚାରିଲେ ଏବଂ ସଚିନ କହିଲେ ଯେ କ୍ଲବ ତାଙ୍କୁ ଏହି କାର ଦେଇଛି ପୋଲିସ ତାଙ୍କୁ ପଚାରିଲା ଯେ ସେ ୟର୍କସାୟାର କ୍ରିକେଟ କ୍ଲବର ପ୍ରଥମ ବିଦେଶୀ ଖେଳାଳି କି ? ସଚିନ ହଁ କହିଲେ, ପୋଲିସ ତାଙ୍କୁ ଚେତାବନୀ ଦେଇ ଛାଡିଦେଲା।

ଇଂଲଣ୍ଡରେ ଗୁରୁମନ୍ତ୍ର ଦେଲେ କୋହଲି

ନୂଆଦିଲ୍ଲୀ, ୨୦।୬: ଭାରତୀୟ କ୍ରିକେଟ୍ ଦଳର ତାରକା ବ୍ୟାଟର ବିରାଟ କୋହଲି ନିକଟରେ ଟେଷ୍ଟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇ ସାରିଛନ୍ତି ଅଶ୍ୱିନ, ରୋହିତ ଶର୍ମା ଓ କୋହଲି ତିନି ବରିଷ୍ଠ କ୍ରିକେଟରଙ୍କୁ ଆଉ ଧଳା ଜର୍ସିରେ ଦେଖିବାକୁ ମିଳିବ ନାହିଁ ଏହି ତିନି ଖେଳାଳି କ୍ରିକେଟ୍‌ର ଲମ୍ବା ଫର୍ମାଟ୍‌ରୁ ଅବସର ନେଇ ସାରିଛନ୍ତି ଇଂଲଣ୍ଡ ଗସ୍ତ କରିଥିବା ଯୁବ ଭାରତୀୟ ଦଳର ନେତୃତ୍ୱ ଶୁଭମନ ଗିଲ୍‌ଙ୍କୁ ଦିଆଯାଇଛି। ଗିଲ୍‌ଙ୍କ ପାଖରେ ଅଧିକ ଅନୁଭବ ନାହିଁ, ଯେଉଁ କାରଣରୁ ତାଙ୍କୁ ଇଂଲଣ୍ଡ ବିପକ୍ଷରେ ବହୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିପାରେ । ମିଡିଆ। ରିପୋର୍ଟ ଅନୁଯାୟୀ, ଟେଷ୍ଟ ସିରିଜ୍ ଆରମ୍ଭ ହେବାର କିଛି ଦିନ ପୂର୍ବରୁ ବିରାଟ କୋହଲି ଶୁଭମନ ଗିଲ୍ ଓ ଋଷଭ ପନ୍ତଙ୍କୁ ନିଜ ଘରକୁ ଡକାଇଥିଲେ ଏଠାରେ ଦୁଇ ଖେଳାଳି କୋହଲିଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ। ଶୁଭମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ହେଣ୍ଡିଙ୍ଗ୍ଲେରେ ଇଂଲଣ୍ଡ ବିପକ୍ଷରେ ପ୍ରଥମ ଟେଷ୍ଟ ଖେଳିବ। ତେବେ ଇଣ୍ଟ୍ରା ସ୍କ୍ୱାଡ୍ ମ୍ୟାଚ୍ ପରେ ସୋମବାର ଖେଳାଳିଙ୍କୁ ବିରତି ମିଳିଥିଲା ।ଏହା ପରେ ଗିଲ୍ ଓ ପନ୍ତ କୋହଲିଙ୍କୁ ତାଙ୍କୁ ଘରେ ଭେଟିଥିଲେ ତେବେ କୋହଲି ଏହି ଦୁଇ ଖେଳାଳିଙ୍କୁ କଣ ଗୁରୁ ମନ୍ତ୍ର ଦେଲେ ତାହା ଜଣା ପଡ଼ିନି ।

ସୂର୍ଯ୍ୟବଂଶୀଙ୍କୁ ଅପେକ୍ଷା କରିବାକୁ ପଡ଼ିବ

ନୂଆଦିଲ୍ଲୀ, ୨୦।୬: କ୍ରିକେଟ୍‌ର ନୂଆ ଉଦୀୟମାନ ଖେଳାଳି ବୈଭବ ସୂର୍ଯ୍ୟବଂଶୀ ଆଇପିଏଲ୍ ୨୦୨୫ ପରଠୁ ଲଗାତାର ଚର୍ଚ୍ଚାରେ ଅଛନ୍ତି। ସମସ୍ତ ପ୍ରଶଂସକ ବୈଭବଙ୍କୁ ଶୀଘ୍ର ଭାରତୀୟ ଦଳର ଜର୍ସିରେ ଦେଖିବାକୁ ଚାହାନ୍ତି କିଛି ତ ତାଙ୍କର ତୁଳନା ମହାନ ବ୍ୟାଟର ସଚିନ ତେନ୍ଦୁଲକରଙ୍କ ସହ କରିଛନ୍ତି ।ତେବେ ନିଜ ସମୟରେ ଖ୍ୟାତାନାମା ସ୍ପିନର ରହିଥିବା ତଥା ପୂର୍ବତନ ଚୟନକର୍ତ୍ତା ଭେଙ୍କଟପତି ରାଜୁଙ୍କ କହିବା କଥା ସୂର୍ଯ୍ୟବଂଶୀଙ୍କୁ ଟିମ୍ ଇଣ୍ଡିଆରେ ସ୍ଥାନ ପାଇବା ପାଇଁ ଆହୁରି ସମୟ ଲାଗିପାରେ। ସଚିନଙ୍କ ସହ ତୁଳନାକୁ ସେ ଅଯଥା ବୋଲି କହିଛନ୍ତି।

ବୈଭବ ବର୍ତ୍ତମାନ ୧୯ ବର୍ଷରୁ କମ ଭାରତୀୟ କ୍ରିକେଟ୍ ଦଳର ସଦସ୍ୟ ଏବଂ ଇଂଲଣ୍ଡ ଗସ୍ତରେ ଅଛନ୍ତି ମାତ୍ର ୧୪ ବର୍ଷ ବୟସରେ ନିଜ ପ୍ରଦର୍ଶନ ବଳରେ କ୍ରିକେଟ୍ ଜଗତରେ ସେ ଚହଳ ପକାଇଛନ୍ତି ଆଇପିଏଲ୍ ଇତିହାସରେ ଦ୍ୱିତୀୟ ଏବଂ ପ୍ରଥମ ଭାରତୀୟ ବ୍ୟାଟରଙ୍କ ଭାବେ ଦ୍ରୁତତମ ଶତକ ଅର୍ଜନ କରିଛନ୍ତି। ପୁଣି ୧୯ ବର୍ଷରୁ କମ ଭାରତୀୟ ଦଳର ଅଭ୍ୟାସ ମ୍ୟାଚ୍‌ରେ ୯୦ ବଲ୍‌ରେ ୧୯୦ ରନର ଧୂଆଁଧାର ଇନିଂସ ଖେଳିଛନ୍ତି ।

କଣ ଭାରତୀୟ ଦଳରେ ସୂର୍ଯ୍ୟବଂଶୀଙ୍କୁ ଶୀଘ୍ର ସ୍ଥାନ ମିଳିପାରେ ? ପୂର୍ବତନ ସ୍ପିନର ଭେଙ୍କଟପତି ରାଜୁଙ୍କୁ ଏମିତି ଲାଗୁ ନାହିଁ। ୨୦୦୭ ଟି-୨୦ ବିଶ୍‌କପ୍ ବିଜେତା ଦଳର ଚୟନ କରିଥିବା ଚୟନକର୍ତ୍ତା ରାଜୁ କହିଛନ୍ତି, ବୈଭବଙ୍କୁ ଭାରତୀୟ ଦଳରେ ସ୍ଥାନ ପାଇବାକୁ ହେଲେ ଆହୁରି ସମୟ ଅପେକ୍ଷା କରିବାକୁ ପଡିବ ।

ତାଙ୍କୁ ୧୯ ବର୍ଷରୁ କମ ଭାରତୀୟ ଦଳରେ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ ଘରୋଇ କ୍ରିକେଟ୍‌ରେ ନିରନ୍ତର ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ୪ ଦିନିଆ। ମ୍ୟାଚ୍‌ରେ ଭଲ ଖେଳିବାକୁ ପଡ଼ିବ। ଆମେ ତାଙ୍କୁ ସମୟ ଦେବା ଦରକାର। ତାଙ୍କ ପ୍ରତିଭାକୁ ଆମେ ସମସ୍ତେ ଦେଖି ସାରିଛନ୍ତି ।

ସଚିନଙ୍କ ସହ ବୈଭବ ସୂର୍ଯ୍ୟବଂଶୀଙ୍କ ତୁଳନାକୁ ରାଜୁ ଉଠି୍ମଣି ନାହାନ୍ତି ଭାରତ ପାଇଁ ଖେଳିବା ପୂର୍ବରୁ ସଚିନ ତେନ୍ଦୁଲକରଙ୍କ ଘରୋଇ କ୍ରିକେଟ୍ ପ୍ରଦର୍ଶନ ବିଷୟରେ ଉଲ୍ଲେଖ କରିଛନ୍ତି ଭେଙ୍କଟପତି ରାଜୁ ।

ସେ କହିଛନ୍ତି, ଏହା ପ୍ରଦର୍ଶନର ନିରନ୍ତରତା ଉପରେ ନିର୍ଭର କରେ ସଚିନ ରଣଜୀ ଟ୍ରଫିର ପଦାର୍ପଣ ମ୍ୟାଚ୍‌ରେ ଶତକ ହାସଲ କରିଥିଲେ। ଦୁଲୀପ ଟ୍ରଫିର ପଦାର୍ପଣରେ ବି ଶତକ ଅର୍ଜନ କରିଥିଲେ। ପୁଣି ଇରାନୀ ଟ୍ରଫିରେ ନିଜର ପ୍ରଥମ ମ୍ୟାଚ୍‌ରେ ଶତକ ହାସଲ କରିଥିଲେ।ତେଣୁଏବେ ବୈଭବଙ୍କୁ ପର୍ଯ୍ୟାପ୍ତ ସମୟ ଦେବା ଉଚିତ ଯେ, ସେ ଘରୋଇ କ୍ରିକେଟ୍‌ରେ ଭଲ ପ୍ରଦର୍ଶନ କରନ୍ତୁ।

ଟ୍ରେନିଂ ନେଉଛନ୍ତି ବିରାଟଙ୍କ ଭଣଜା

ନୂଆଦିଲ୍ଲୀ, ୨୦।୬: ବିରାଟ କୋହଲି ପ୍ରାୟତଃ ସୋସିଆଲ ମିଡିଆରେ ଶିରୋନାମାରେ ରହିଥାଆନ୍ତି । ପୁଣିଥରେ ଏହି ଭାରତୀୟ ବ୍ୟାଟସମ୍ୟାନ ଚର୍ଚ୍ଚାର କେନ୍ଦ୍ର ପାଲଟିଛନ୍ତି କିନ୍ତୁ, ଏଥର ତାଙ୍କ ଖେଳ ପାଇଁ ନୁହେଁ ବରଂ ଅନ୍ୟ ଏକ କାରଣ ପାଇଁ ସେ ଚର୍ଚ୍ଚାରେ ଅଛନ୍ତି। ଆଧୁନିକ କ୍ରିକେଟର ଶ୍ରେଷ୍ଠ ବ୍ୟାଟସମ୍ୟାନଙ୍କ ଭଣଜା ଆୟୁଷ ଧିଙ୍ଗରା ତାଙ୍କ ମାମୁଙ୍କ ପଦାଙ୍କ ଅନୁସରଣ କରିଛନ୍ତି ସେ ବଡ଼ ହୋଇ ଜଣେ କ୍ରିକେଟର ହେବାର ସ୍ୱପ୍ନ ଦେଖୁଛନ୍ତି ଏବଂ କୋହଲିଙ୍କ ପିଲାଦିନର ପ୍ରଶିକ୍ଷକ ରାଜକୁମାର ଶର୍ମା ଏହି ସ୍ୱପ୍ନ ପୂରଣ କରିବାରେ ଲାଗି ପଡିଛନ୍ତି। ଟିମ ଇଣ୍ଡିଆର ଷ୍ଟାର କ୍ରିକେଟର ବିରାଟ କୋହଲିଙ୍କ ପରେ ତାଙ୍କ ଭଣଜା ବିଶ୍ୱ କ୍ରିକେଟରେ ନିଜର ଛାପ ଛାଡିବେ ବୋଲି କୁହାଯାଉଛି। ଏଥିପାଇଁ ସେ ତାଙ୍କର ପ୍ରସ୍ତୁତି ଆରମ୍ଭ କରିଛନ୍ତି ।ବିରାଟ କୋହଲିଙ୍କ ଭଉଣୀ ଭାବନା କୋହଲି ଧିଙ୍ଗରାଙ୍କ ପୁଅ ଆୟୁଷ ଧିଙ୍ଗରା କ୍ରିକେଟ ତାଲିମ ନେଉଛନ୍ତି। ଯାହାଙ୍କ ମାର୍ଗଦର୍ଶନରେ ସେ ତାଲିମ ନେଉଛନ୍ତି ସେ ଆଉ କେହି ନୁହେଁ ବରଂ ବିରାଟଙ୍କ ପିଲାଦିନର ପ୍ରଶିକ୍ଷକ ରାଜକୁମାର ଶର୍ମା ସେ କୋହଲିଙ୍କୁ କ୍ରିକେଟର କୌଶଳ ଶିଖାଇଥିଲେ ଏବେ ସେ ବିରାଟ କୋହଲିଙ୍କ ଭଣଜା ଆୟୁଷ ଧିଙ୍ଗରାଙ୍କ ପାଇଁ ଏହି କାମ କରୁଛନ୍ତି ସମ୍ପ୍ରତି, ସୋସିଆଲ ମିଡିଆରେ ଏକ ଭାଇରାଲ ଫଟୋ ମାଧ୍ୟମରେ ଏହା ପ୍ରକାଶ ପାଇଛି। ନିକଟରେ, ବିରାଟ କୋହଲିଙ୍କ ବଡ଼ ଭଉଣୀ ଭାବନା କୋହଲି ତାଙ୍କ ଅଫିସିଆଲ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଏକ ଷ୍ଟୋରୀ ପୋଷ୍ଟ କରିଛନ୍ତି ।

ପୁଣି ଅଡୁଆରେ କ୍ରିକେଟର ଶାକିବ

ଢାକା, ୨୦।୬: ଦୁର୍ନୀତି ମାମଲାର ବାଂଲାଦେଶ କ୍ରିକେଟର ଶାକିବ ଅଲ ହସନଙ୍କ ଉପରେ ଟ୍ରାବେଲ୍ ବ୍ୟାନ୍ ଲଗାଇଲେ କୋର୍ଟ ଢାକାର ଏକ କୋର୍ଟ ପୂର୍ବତନ ଆୱାମୀ ଲିଗ୍ ସାଂସଦ ଏବଂ କ୍ରିକେଟରରୁ ରାଜନେତା ହୋଇଥିବା ଶାକିବ ଅଲ୍ ହାସନଙ୍କ ସମେତ ୧୫ ଜଣଙ୍କ ଉପରେ ଦୁର୍ନୀତି ମାମଲାରେ ଯାତ୍ରା ପ୍ରତିବନ୍ଧକ ଲଗାଇଛନ୍ତି।

ଦୁର୍ନୀତି ନିବାରଣ କମିଶନ (ଏସିସି) ଦ୍ୱାରା ଦାଖଲ ହୋଇଥିବା ଦୁଇଟି ପୃଥକ ଆବେଦନର ଶୁଣାଣି ପରେ ଢାକା ମେଟ୍ରୋପଲିଟାନ୍ ସିନିୟର ସ୍ପେଶାଲ୍ ଜଜ୍ ମହମ୍ମଦ ଜାକିର ହୋସେନ୍ ଏହି ନିର୍ଦ୍ଦେଶ ଦେଇଛନ୍ତି।

ଏସିସି ଆବେଦନରେ, ଶାକିବ ଏବଂ ଅନ୍ୟମାନେ ଷ୍ଟକ୍ ବଜାର ନିୟମ ଉଲ୍ଲଂଘନ କରି ଅନିୟମିତ ଉପାୟରେ ଷ୍ଟକ୍ ବଜାରରେ କୋଟି କୋଟି ଟଙ୍କା ନିବେଶ କରି ଅବୈଧ ସମ୍ପତ୍ତି ସଂଗ୍ରହ କରିଥିବା ଅଭିଯୋଗ ହୋଇଛି। ଏସିସି ଦାବି କରିଛି ଯେ ଶାକିବ ଏବଂ ତାଙ୍କ ସହ-ଅଭିଯୁକ୍ତମାନେ ପାଣ୍ଠି ଆତ୍ମସାତ କରିବା ଉଦ୍ଦେଶ୍ୟରେ ୮.୯୭ କୋଟି ଟଙ୍କା ଏବଂ ୪.୪୮ କୋଟି ଟଙ୍କା ମୂଲ୍ୟର ଟ୍ରାଞ୍ଜାକ୍ସନ କରିଥିଲେ, ଯାହା ଦ୍ୱାରା କ୍ଷୁଦ୍ର କ୍ରେଡିଟ୍ ଆଇନର ନିୟମ ୨